# ଯୁଗ୍ମ ବନ ପରିଚାଳନା ସଂକଳ୍ପ
## ୨୦୧୧ ଓ ୨୦୧୫

ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର

# ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାରଙ୍କ

# ସଂକଳ୍ପ

## ୯ ସେପ୍ଟେମ୍ବର, ୨୦୧୧ ମସିହା

## ପ୍ରସଙ୍ଗ: ଯୁଗ୍ମ ବନ ପରିଚାଳନା ସଂକଳ୍ପ, ୨୦୧୧

### ୧. ଉପକ୍ରମ:

ଜଙ୍ଗଲ ହେଉଛି ଆମ ପୃଥିବୀର ଏକ ସମୃଦ୍ଧ ଜୈବ-ବ୍ୟବସ୍ଥା । ମନୁଷ୍ୟ ସମାଜର ଆର୍ଥିକ ପ୍ରଗତି ଏବଂ ପରିବେଶର ସଂରକ୍ଷଣରେ ଜଙ୍ଗଲର ଭୂମିକା ସର୍ବଜନବିଦିତ । ଆର୍ଥିକ ଅଭିବୃଦ୍ଧି ଓ ପରିବେଶ ସୁରକ୍ଷା ଅଙ୍ଗାଙ୍ଗୀଭାବେ ଜଡିତ । ମଣିଷ ସମାଜ ପୃଥିବୀରେ ବଞ୍ଚିବା ପାଇଁ ପ୍ରକୃତି ସହ ଐକ୍ୟବଦ୍ଧଭାବେ ଚଳିବା ଆବଶ୍ୟକ । ପରିବେଶର ସଂରକ୍ଷଣ ଓ ଜଙ୍ଗଲ ତଥା ବନ୍ୟପ୍ରାଣୀଙ୍କ ସୁରକ୍ଷାର ଦାୟିତ୍ୱ ସମ୍ବିଧାନ ଆମ୍ଭମାନଙ୍କ ଉପରେ ନ୍ୟସ୍ତ କରିଛି । ଆମ ରାଜ୍ୟରେ ୬୧, ୦୧୮ ବର୍ଗ କିମି ଅଞ୍ଚଳରେ ଜଙ୍ଗଲ ରହିଛି, ଯାହାକି ରାଜ୍ୟର ମୋଟ ଭୌଗୋଳିକ ପରିସୀମାର ଶତକଡା ୩୯.୧୮ ଭାଗ । ରାଜ୍ୟବାସୀଙ୍କ ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଜୀବନଶୈଳୀ ଉପରେ ରାଜ୍ୟରେ ଥିବା ଶତକଡା ୩୧.୩୮ ଭାଗ ଜଙ୍ଗଲ ପ୍ରଭାବିତ କରେ । ତେବେ ବିଗତ କିଛି ଦଶନ୍ଧି ଧରି ଓଡ଼ିଶାର ଜଙ୍ଗଲ ସମ୍ପଦ ଉପରେ ଜନସମାଜର ବ୍ୟାପକ ଚାପ ପରିଲକ୍ଷିତ ହେଉଛି । ରାଜ୍ୟରେ ସମୃଦ୍ଧ ଜୈବ ବିବିଧତା ଅବକ୍ଷୟର ସମ୍ମୁଖୀନ ହେଉଅଛି । ମନୁଷ୍ୟ-ବନ୍ୟପ୍ରାଣୀ ବିବାଦ ଦିନକୁ ଦିନ ବଢିବାରେ ଲାଗିଛି । ଏହିପରି ସ୍ଥିତିରେ ରାଜ୍ୟର ଜଙ୍ଗଲ ସଂମ୍ପଦର ବିକାଶ ଓ ସଂରକ୍ଷଣ ରାଜ୍ୟ ସରକାରଙ୍କ ପ୍ରମୁଖ ଦାୟିତ୍ୱ ଓ ଲକ୍ଷ୍ୟ । ୧୯୮୮ ମସିହା ଜାତୀୟ ଜଙ୍ଗଲ ନୀତି ଅନୁସାରେ ଜଙ୍ଗଲର ବିକାଶ ଓ ସଂରକ୍ଷଣରେ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀମାନଙ୍କର ଆନ୍ତରିକ ସହଯୋଗ ନିହାତି ଆବଶ୍ୟକ । ଏହି ନୀତିକୁ ଆଧାର କରି ରାଜ୍ୟ ସରକାର ଜଙ୍ଗଲ ସମ୍ପଦର ସୁପରିଚାଳନା, ପୁନର୍ଜନନ ଓ ସଂରକ୍ଷଣ ପାଇଁ ଯୁଗ୍ମ ବନ ପରିଚାଳନା (ଜେଏଫଏମ) ମାଧ୍ୟମରେ ସହଭାଗିତା ଭିତ୍ତିରେ ଗ୍ରାମବାସୀଙ୍କର ସହଯୋଗ କାମନା କରିଛନ୍ତି । ଯୁଗ୍ମ ବନ ପରିଚାଳନା ମାଧମରେ ଉଜୁଡି ଯାଉଥିବା ଜଙ୍ଗଲର ପୁନରୁଦ୍ଧାର ସହ ଜଙ୍ଗଲ ଆଖପାଖରେ ରହୁଥିବା ବନବାସୀଙ୍କର ରୋଜଗାରର ସୁଯୋଗ ସୃଷ୍ଟି କରିବା ସହ ଏହା ସାମାଜିକ ସଶକ୍ତିକରଣରେ ସହାୟକ ହେଉଛି ।

୧୯୮୫ ମସିହାରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣିତ ଓଡ଼ିଶା ଗ୍ରାମ୍ୟ ଜଙ୍ଗଲ ଆଇନ ଅନୁଯାୟୀ ପ୍ରତି ଗ୍ରାମ୍ୟ ଜଙ୍ଗଲର ସୁପରିଚାଳନା ପାଇଁ ଯୋଜନା ପ୍ରସ୍ତୁତ କରାଯିବ ଓ ସେହି ଜଙ୍ଗଲର ସୁରକ୍ଷା ପାଇଁ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗ କାମନା କରାଯିବାର ବ୍ୟବସ୍ଥା ଅଛି । ୧୯୮୮ରେ ରାଜ୍ୟ ସରକାର ଏକ ଆଦେଶ ମାଧ୍ୟମରେ ଗ୍ରାମସଂଲଗ୍ନ ସଂରକ୍ଷିତ ଜଙ୍ଗଲର ସୁରକ୍ଷା ପାଇଁ ଏହା ଚତୁଃପାର୍ଶ୍ୱରେ ଥିବା ଗ୍ରାମବାସୀମାନେ ଏକ ବନ

ସୁରକ୍ଷା ସମିତି ଗଠନ କରିବାର ଶୁଭାରମ୍ଭ କରିଥିଲେ। ୧୯୯୦ ମସିହାରେ ଏହି ଆଦେଶର ପରିସରକୁ ବୃଦ୍ଧି କରାଯାଇ ସୁରକ୍ଷିତ ଜଙ୍ଗଲ (ପ୍ରୋଟେକ୍ଟେଡ ଫରେଷ୍ଟ)କୁ ମଧ୍ୟ ଏହାର ଅନ୍ତର୍ଭୁକ୍ତ କରାଗଲା। ଜଙ୍ଗଲ ବିଭାଗ ଓ ଗ୍ରାମବାସୀଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କକୁ ସୁଦୃଢ କରିବା ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ଏ ସଂକ୍ରାନ୍ତରେ ଏକ ପୂର୍ଣ୍ଣାଙ୍ଗ ସଂକଳ୍ପ ତା ୦୩/୦୬/୧୯୯୩ରେ ପ୍ରଚଳନ କଲେ। ଗ୍ରାମ ସଂଲଗ୍ନ ଜଙ୍ଗଲର ସୁରକ୍ଷା, ବନ ସଂରକ୍ଷଣ ସମିତି (ଭିଏସଏସ)ର ଗଠନ, ଦାୟିତ୍ୱ, ବନ ସଂରକ୍ଷଣ ସମିତିର କାର୍ଯ୍ୟକାରୀ କମିଟି (ଇ.ସି.)ର କାର୍ଯ୍ୟକାରିତା ତଥା ଜଙ୍ଗଲ ବିଭାଗ ଓ ଗ୍ରାମ ପଞ୍ଚାୟତର ଭୂମିକା, ଯୁଗ୍ମ ବନ ପରିଚାଳନା ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତି, ଜଙ୍ଗଲଜାତ ସାମଗ୍ରୀର ସୁବଣ୍ଟନ ଏବଂ ଏ ସମ୍ବନ୍ଧୀୟ ଚୁକ୍ତିନାମା ଆଦି ସମ୍ପର୍କରେ ଉକ୍ତ ସଂକଳ୍ପରେ ବିସ୍ତୃତଭାବେ ବର୍ଣ୍ଣନା କରାଯାଇଛି। ଯେହେତୁ ଅତୀତରେ ଏହି ସଂକଳ୍ପରେ ରାଜ୍ୟର ହେନ୍ତାଳ ବଣ, ଆର୍ଦ୍ରଭୂମି ଓ ସୁରକ୍ଷିତ ଅଞ୍ଚଳ ଯଥା ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟ ଅନ୍ତର୍ଭୁକ୍ତ କରାଯାଇ ନ ଥିଲା, ତେଣୁ ଉକ୍ତ ଅଞ୍ଚଳର ସୁରକ୍ଷା ପାଇଁ ମଧ୍ୟ ସହଭାଗିତା ମାଧ୍ୟମରେ ପରିଚାଳନା କରିବାର ଆବଶ୍ୟକତା ଅନୁଭୂତ ହେବାରୁ ୨୦୦୮ ମସିହାର ପରିବର୍ଦ୍ଧିତ ସଂକଳ୍ପ ମାଧ୍ୟମରେ ଉପରୋକ୍ତ ସମସ୍ତ ଅଞ୍ଚଳକୁ ମଧ୍ୟ ସହଭାଗିତା ମାଧ୍ୟମରେ ସୁପରିଚାଳନା ପାଇଁ ଅନ୍ତର୍ଭୁକ୍ତ କରାଯାଇଥିଲା। ସ୍ଥାନୀୟ ଲୋକଙ୍କ ଜୀବନ ଜୀବିକାର ଅଭିବୃଦ୍ଧି ପାଇଁ ପରିବେଶର ସମୃଦ୍ଧି ଓ ସଂରକ୍ଷଣ ଓ ସେମାନଙ୍କ ସହଯୋଗକୁ ନିଶ୍ଚିତ କରିବା ସହ ପରିବେଶର ବିକାଶକୁ ମଧ ଏକ ନୀତିରୂପେ ଗ୍ରହଣ କରାଯାଇଥିଲା। ଯୁଗ୍ମ ବନ ପରିଚାଳନାରେ ସହଭାଗୀତା ମାଧମରେ ଜଙ୍ଗଲର ସୁପରିଚାଳନା, ଗ୍ରାମବାସୀଙ୍କ ସାମାଜିକ/ସାଂସ୍କୃତିକ ଏବଂ ଅର୍ଥନୈତିକ ଉନ୍ନତି ସହ ପରିବେଶର ଉନ୍ନତିରେ ମଧ ଏହା ସହାୟକ ହେବ। ସମଗ୍ର ରାଜ୍ୟରେ ଜଙ୍ଗଲ ସୁରକ୍ଷା ଏବଂ ଏହାର ପୁନରୁଦ୍ଧାରରେ ଜନସାଧାରଣ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଅଛନ୍ତି। ଗ୍ରାମବାସୀମାନେ ଯୁଗ୍ମ ବନ ପରିଚାଳନା ସଂକଳ୍ପ ଅନୁଯାୟୀ ବିଭିନ୍ନ ବନ ସଂରକ୍ଷଣ ସମିତି ଗଠନ କରିଛନ୍ତି କିମ୍ବା ଗ୍ରାମସ୍ତରରେ ଗୋଷ୍ଠୀ ଜଙ୍ଗଲ ପରିଚାଳନା ଦଳମାନ ଗଠନ କରିଛନ୍ତି, ଯାହାକି ଯୁଗ୍ମ ବନ ପରିଚାଳନା ସଂକଳ୍ପର ଅନ୍ତର୍ଭୁକ୍ତ ନୁହେଁ। ଉପରୋକ୍ତ ମତେ ଗଠିତ ଯୁଗ୍ମ ବନ ପରିଚାଳନା ଦଳ, ସରକାରୀ ସଂକଳ୍ପ ଅନୁସାରେ ଗଠିତ ସମିତି କିମ୍ବା ଲୋକଙ୍କ ନିଜସ୍ୱ ଉଦ୍ୟମରେ ଗଠିତ ଦଳ ମାଧ୍ୟମରେ ସଂରକ୍ଷିତ ହେଉଥିବା ଜଙ୍ଗଲର ସୁପରିଚାଳନା ପାଇଁ ସମ୍ପୂର୍ଣ୍ଣ ସହଭାଗିତା ତଥା ଗ୍ରାମବାସୀଙ୍କ ସହଯୋଗ ମଧ ନିତାନ୍ତ ଆବଶ୍ୟକ।

୧୯୯୬ ମସିହାରେ ପ୍ରଣିତ ପେସା (ପଞ୍ଚାୟତ ଏକ୍ସଟେନସନ ଟୁ ସିଡ୍ୟୁଲ୍ଡ ଏରିଆ) ଆଇନ, ଯାହାକି ସିଡ୍ୟୁଲ୍ଡ ଏରିଆରେ ପ୍ରଚଳିତ, ତାହା ନିମ୍ନରେ ବର୍ଣ୍ଣନା କରାଗଲା; ଲୋକଙ୍କ ପରମ୍ପରା ଓ ପ୍ରଥାକୁ ସୁରକ୍ଷିତ କରିବାରେ, ସେମାନଙ୍କର ସାଂସ୍କୃତିକ ପରିଚୟ ବଜାୟ ରଖିବାରେ, ସେମାନଙ୍କ ଗୋଷ୍ଠୀ ସମ୍ପଦ ସୁରକ୍ଷିତ ରଖିବାରେ ତଥା ବିଭିନ୍ନ ବିବାଦକୁ ପାରମ୍ପରିକ ଢଙ୍ଗରେ ସମାଧାନ କରିବାର ଦକ୍ଷତା ଗ୍ରାମ ସଭାର ଥିବା ଆବଶ୍ୟକ। ସାମାଜିକ ତଥା ଅର୍ଥନୈତିକ ବିକାଶ ପାଇଁ କରାଯାଉଥିବା ଯୋଜନା, କାର୍ଯ୍ୟକ୍ରମ ଓ ପ୍ରକଳ୍ପକୁ ଗ୍ରାମସଭା ଅନୁମୋଦନ

କରିବେ। ପଞ୍ଚାୟତ ଦ୍ୱାରା ଗ୍ରାମ୍ୟସ୍ତରରେ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନା, କାର୍ଯ୍ୟକ୍ରମ ଓ ପ୍ରକଳ୍ପ କାର୍ଯ୍ୟକାରୀ ହେବା ପୂର୍ବରୁ ହିତାଧିକାରୀ ଚୟନ ଓ ମନୋନୟନ ପାଇଁ ଗ୍ରାମସଭା ଉତ୍ତରଦାୟୀ ରହିବେ। ଏହି ଆଇନ ଦ୍ୱାରା ସିଡ୍ୟୁଲ୍ଡ ଏରିଆରେ ଲଘୁ ବନଜାତ ଦ୍ରବ୍ୟର ମାଲିକାନା ଦାୟିତ୍ୱ ଗ୍ରାମ ପଞ୍ଚାୟତ ଉପରେ ନ୍ୟସ୍ତ କରାଯାଇଛି। ୬୯ ପ୍ରକାରର ଲଘୁ ବନଜାତ ଦ୍ରବ୍ୟର ସଂଗ୍ରହ ଓ ସେଗୁଡିକର ଏକଚାଟିଆ କାରବାରରୁ ନିବୃତ ରହିବା ପାଇଁ ଉକ୍ତ ଆଇନରେ ବ୍ୟବସ୍ଥା ଅଛି।

୨୦୦୬ ମସିହାରେ ପ୍ରଣିତ ଅନୁସୂଚିତ ଜନଜାତି ଓ ଅନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାର) ଆଇନରେ ଗୋଷ୍ଠୀ ଜଙ୍ଗଲ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି। ଏହି ଆଇନାନୁସାରେ ଗୋଷ୍ଠୀ ଜଙ୍ଗଲ ସମ୍ପଦର ଅର୍ଥ ହେଉଛି, ପ୍ରଥାନୁମୋଦିତ ସାଧାରଣ ଜଙ୍ଗଲ ଜମି ଯାହାକି ଗ୍ରାମର ପାରମ୍ପରିକ ଓ ପ୍ରଥାନୁମୋଦିତ ସୀମା ମଧ୍ୟରେ ରହିଛି, ତାହା ସଂରକ୍ଷଣକାରୀ ଗୋଷ୍ଠୀ ଦ୍ୱାରା ତାହାର ଋତୁଭିତ୍ତିକ ବ୍ୟବହାର କରିବେ। ଜଙ୍ଗଲ ଅଧିକାର ଆଇନରେ ବାଉଁଶ, ଜାଳ କାଠ, ଖୁଣ୍ଟ, ବେତ, ଟସର, କୋଷ, ମହୁ, ଝୁଣା, ଲାଖ, କେନ୍ଦୁପତ୍ର, ଔଷଧୀୟ ବୃକ୍ଷ ଓ ପତ୍ର, ମୂଳ, କନ୍ଦା ଆଦିକୁ ଅଣକାଷ୍ଠ ଜଙ୍ଗଲଜାତ ଦ୍ରବ୍ୟଭାବେ ଅନ୍ତର୍ଭୁକ୍ତ କରାଯାଇଅଛି। କେନ୍ଦୁପତ୍ର କ୍ଷେତ୍ରରେ ସରକାରଙ୍କ ପ୍ରଚଳିତ ନିୟମ ଜଙ୍ଗଲ ଉପରେ ନିର୍ଭରଶୀଳ ଗୋଷ୍ଠୀର ଜୀବିକା ନିର୍ବାହକୁ ସୁରକ୍ଷିତ ରଖିବା ସହ ଆବଶ୍ୟକ ମୂଲ୍ୟଭିତ୍ତିକ ପରିଚାଳନା ପାଇଁ ଗୋଷ୍ଠୀମାନଙ୍କର ଦାୟିତ୍ୱ ନିଶ୍ଚିତ କରାଯାଇଛି।

ଜଙ୍ଗଲ ଅଧିକାର ଆଇନ କେବଳ ଯେ ପ୍ରଚଳିତ ଯୁଗ୍ମ ସହଭାଗୀ ଜଙ୍ଗଲ ସଂରକ୍ଷଣ ଓ ପରିଚାଳନା କାର୍ଯ୍ୟକ୍ରମକୁ ଶକ୍ତିଶାଳୀ କରିବାକୁ ସୁଯୋଗ ପ୍ରଦାନ କରୁଛି ତାହା ନୁହେଁ ଏହାଦ୍ୱାରା ଯେଉଁ ଅଞ୍ଚଳରେ ଏପରି ଆନୁଷ୍ଠାନିକ ଅନୁଷ୍ଠାନ ନାହିଁ ସେହି ଅଞ୍ଚଳରେ ଉପରୋକ୍ତ ଆଇନ କାର୍ଯ୍ୟକାରୀ କରିବାକୁ ଅଧିକ ପ୍ରୋତ୍ସାହନ ଯୋଗାଉଛି। ଜଙ୍ଗଲ ପରିଚାଳନାର ପରିବର୍ତ୍ତିତ ପରିସ୍ଥିତିରେ ଲୋକଙ୍କ ମଧ୍ୟରେ ଅଧିକ ସଚେତନତା ଓ ଅତୀତର ଜଙ୍ଗଲ ପରିଚାଳନାରୁ ପାଇଥିବା ଅଭିଜ୍ଞତା ଆଧାରରେ ଏହା ଅନୁଭୂତ ହେଉଛି ଯେ ଯୁଗ୍ମ ବନ ପରିଚାଳନା ସଂକଳ୍ପ, ୨୦୦୮ର ଆବଶ୍ୟକୀୟ ସଂଶୋଧନ ନିତ୍ୟାନ୍ତ ଆବଶ୍ୟକ।

**୨. ଜଙ୍ଗଲ ଅଞ୍ଚଳ ମନୋନୟନ**

(୧) ଏହି ସଂକଳ୍ପ ଅଧୀନରେ ପରିଚାଳନା କରାଯିବାକୁ ଥିବା ଜଙ୍ଗଲକୁ ନିମ୍ନଲିଖିତ ଦୁଇ ଶ୍ରେଣୀରେ ଅର୍ନ୍ତଭୁକ୍ତ କରାଯାଇଛି:

(କ) ସଂରକ୍ଷିତ ଜଙ୍ଗଲ, ପ୍ରୋଟେକ୍ଟେଡ ଜଙ୍ଗଲ, ଗ୍ରାମ୍ୟ ଜଙ୍ଗଲ, ରାଜସ୍ୱ ଜଙ୍ଗଲ

(ଖ) ସଂରକ୍ଷିତ ଅଞ୍ଚଳ (ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟର କୋର ଅଞ୍ଚଳ ଓ ହେନ୍ତାଳ ତଥା ଆର୍ଦ୍ରଭୂମିକୁ ଛାଡି)।

ପ୍ରଥମ ଶ୍ରେଣୀଭୁକ୍ତ ଜଙ୍ଗଲ ପାଇଁ ଗଠିତ ସୁରକ୍ଷା କମିଟିକୁ ବନ ସୁରକ୍ଷା ସମିତି (ଭିଏସଏସ) କୁହାଯାଉଥିବାବେଳେ ଦ୍ୱିତୀୟ ଶ୍ରେଣୀଭୁକ୍ତ ଜଙ୍ଗଲ ପାଇଁ ଗଠିତ ସୁରକ୍ଷା କମିଟିକୁ ପରିବେଶ ବିକାଶ ସମିତି (ଇଡିସି) କୁହାଯିବ।

(୨) ସମ୍ପୃକ୍ତ ଗ୍ରାମବାସୀ କେତେ ପରିମାଣର ଜଙ୍ଗଲ ସୁରକ୍ଷା କରୁଛନ୍ତି, ସେମାନେ ଏହା କିପରି ବ୍ୟବହାର କରୁଛନ୍ତି, ଜଙ୍ଗଲ ଚତୁଃପାର୍ଶ୍ୱରେ କେତେ ଗ୍ରାମ ରହିଛି ଓ ଯଦି ଗ୍ରାମବାସୀଙ୍କର ଜଙ୍ଗଲ ଉପରେ କିଛି ଦାବି ରହିଛି କିମ୍ବା ସେମାନେ କେତେ ପ୍ରକାର ଓ କେଉଁ ପରିମାଣର ଜଙ୍ଗଲଜାତ ଦ୍ରବ୍ୟ ସେଥିରୁ ସଂଗ୍ରହ କରୁଛନ୍ତି ଓ ତାହାର ବ୍ୟବହାର କରୁଛନ୍ତି, ଏ ସମସ୍ତ ବିଷୟରେ ସମ୍ପୃକ୍ତ ପଲ୍ଲୀସଭା, ସ୍ଥାନୀୟ ବନାଞ୍ଚଳ ଅଧିକାରୀଙ୍କ ସହ ପ୍ରଥମେ ଆଲୋଚନା କରିବେ। ଯଦି ଏକାଧିକ ଗ୍ରାମବାସୀ ମିଳିତଭାବେ ଭିଏସଏସ ଗଠନ କରିବାକୁ ଆଗ୍ରହ ପ୍ରକାଶ କରନ୍ତି, ତାହା ମଧ୍ୟ ଆଲୋଚନା ମାଧ୍ୟମରେ ସ୍ଥିର କରାଯିବ। ସ୍ଥାନୀୟ ବନପାଳ ଏ ସମ୍ପର୍କରେ ସେମାନଙ୍କୁ ବୈଷୟିକ ତଥ୍ୟ ପ୍ରଦାନ କରିବା ସହ, କମିଟି କେତେ ପରିମାଣର ଜଙ୍ଗଲ ପରିଚାଳନା କରିବେ ତାହାର ଚିହ୍ନଟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବେ।

(୩) ୨୦୦୮ ମସିହା ଯୁଗ୍ମ ବନ ପରିଚାଳନା ସଂକଳ୍ପ ଅନୁସାରେ ଗଠିତ ଭିଏସଏସକୁ ପରିଚାଳନା କରିବାକୁ ଦାୟିତ୍ୱ ନେଇଥିବା ଜଙ୍ଗଲ ଜମିରେ ଯଦି କୌଣସି ପରିବର୍ତ୍ତନର ଆବଶ୍ୟକତା ରହିଛି, ତେବେ ତାହା ସେହି ଗ୍ରାମବାସୀ ଓ ସ୍ଥାନୀୟ ବନାଞ୍ଚଳ ଅଧିକାରୀଙ୍କ ସହ ଆଲୋଚନା ମାଧ୍ୟମରେ କରାଯାଇପାରିବ।

## ୩. ଭିଏସଏସ/ଇଡିସି ଗଠନ

(୧) ସାଧାରଣଭାବେ ଗୋଟିଏ ଗ୍ରାମରେ କେବଳ ଗୋଟିଏ ଭିଏସଏସ/ଇଡିସି ଗଠନ କରାଯିବ। ଏକାଧିକ ଗ୍ରାମକୁ ନେଇ ମଧ୍ୟ ଗୋଟିଏ ଭିଏସଏସ ଗଠନ କରାଯାଇପାରିବ କିମ୍ବା ଗୋଟିଏ ବଡ ଗ୍ରାମରେ ପଡାଓ୍ୱାରୀ ଏକାଧିକ ବନ ସୁରକ୍ଷା ସମିତି ଗଠନ କରାଯାଇପାରିବ। ପୂର୍ବରୁ ଯଦି ଅନ୍ୟ କୌଣସି ଜଙ୍ଗଲ ସୁରକ୍ଷା କମିଟି ଥାଏ, ତେବେ ତାହା ଏହି କମିଟି ଅଧୀନରେ ରହି କାମ କରିପାରିବ।

(୨) ଗ୍ରାମର ସମସ୍ତ ସାବାଳକ ଭିଏସ୍ଏସ୍/ଇଡିସିର ସଭ୍ୟ ରହିବେ। ତାଲିକାଭୁକ୍ତ ହେବା ପାଇଁ ସେମାନେ ଏକ ପ୍ରବେଶିକା ଦେୟ ଦେବେ, ଯାହାର ପରିମାଣ ଭିଏସଏସ/ଇଡିସିର ସାଧାରଣ ପରିଷଦ ବୈଠକରେ ଧାର୍ଯ୍ୟ କରାଯିବ।

(୩) ପଲ୍ଲୀସଭା ଭିଏସ୍ଏସ୍/ଇଡିସି ଗଠନ ନେଇ ସେମାନଙ୍କ ପ୍ରସ୍ତାବକୁ ସମ୍ପୃକ୍ତ ବନାଞ୍ଚଳ ଅଧିକାରୀ (ରେଞ୍ଜ ଅଫିସର)ଙ୍କ ପାଖକୁ ପଠାଇବେ। ଭିଏସ୍ଏସ୍/ଇଡିସିକୁ ବନଖଣ୍ଡସ୍ତରରେ ପଞ୍ଜୀକୃତ କରିବା ପାଇଁ ବନାଞ୍ଚଳ ଅଧିକାରୀ ସେହି ପ୍ରସ୍ତାବକୁ ବନଖଣ୍ଡ ଅଧିକାରୀ (ଡିଏଫଓ)ଙ୍କ ନିକଟକୁ ପଠାଇବେ।

## ୪. କାର୍ଯ୍ୟକାରୀ କମିଟି (ଇ.ସି.) ଗଠନ

(୧) କାର୍ଯ୍ୟକାରୀ କମିଟି ଗଠନ ପାଇଁ ସଂପୃକ୍ତ ଗ୍ରାମର ପଲ୍ଲୀସଭା, ଜଣେ ସଭାପତି ଜଣେ ଉପ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ଏବଂ ଅତି କମ୍‌ରେ ଅନ୍ୟ ୧୧ (ଏଗାର)ଜଣ ସଭ୍ୟଙ୍କୁ ନିର୍ବାଚିତ କରିବେ। ଏହି କମିଟିର ଶତକଡା ୫୦ ଭାଗ ସଭ୍ୟ ମହିଳା ହୋଇଥିବା ବାଞ୍ଛନୀୟ। ଭିଏସ୍‌ଏସ୍/ଇଡିସିର ସଭ୍ୟ ଅନୁପାତରେ କାର୍ଯ୍ୟକାରୀ କମିଟିରେ ଅନୁସୂଚିତ ଜାତି ଓ ଜନଜାତିର ପ୍ରତିନିଧିତ୍ୱ ରହିବା ବାଞ୍ଛନୀୟ। ଜୀବନ ଜୀବିକା ପାଇଁ ଜଙ୍ଗଲ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଗୋଷ୍ଠୀ ମଧ୍ୟ କାର୍ଯ୍ୟକାରୀ କମିଟିରେ ସଭ୍ୟ ରହିବେ।

(୨) ଜଣେ ମହିଳା ସଭ୍ୟ, ସମିତିର ସଭାପତି କିମ୍ବା ଉପସଭାପତି ରହିବା ଆବଶ୍ୟକ ।

(୩) କାର୍ଯ୍ୟକାରୀ କମିଟି ନିମ୍ନଲିଖିତ ମତେ ଗଠନ କରାଯିବ;

| | |
|---|---|
| ୧. ସଭାପତି | ୧ ନିର୍ବାଚିତ ସଭ୍ୟ |
| ୨. ଉପସଭାପତି | ୧ ନିର୍ବାଚିତ ସଭ୍ୟ |
| ୩. ସମ୍ପାଦକ | ୧ ନିର୍ବାଚିତ ସଭ୍ୟ |
| ୪. କୋଷାଧ୍ୟକ୍ଷ | ୧ ନିର୍ବାଚିତ ସଭ୍ୟ |
| ୫. ସମ୍ପୃକ୍ତ ୱାର୍ଡ ସଭ୍ୟ /ସଭ୍ୟମାନେ | (ସେ ଅଞ୍ଚଳରେ କାର୍ଯ୍ୟରତ) ନିର୍ବାଚିତ ସଭ୍ୟ |
| ୬. ସଭ୍ୟବୃନ୍ଦ | ୧୧ ନିର୍ବାଚିତ ସଭ୍ୟ |
| ୭. ସ୍ଥାନୀୟ ବନରକ୍ଷୀ | ୧ ସେହି ଅଞ୍ଚଳରେ କାର୍ଯ୍ୟରତ |

(୪) କାର୍ଯ୍ୟକାରୀ କମିଟି ଗଠନ ନିମନ୍ତେ କରାଯାଉଥିବା ନିର୍ବାଚନ ପାଇଁ ସମ୍ପୃକ୍ତ ବନାଞ୍ଚଳ ଅଧିକାରୀ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ କରିବେ। ଉପରବର୍ଣ୍ଣିତ ପାରା (୧) ଅନୁସାରେ କାର୍ଯ୍ୟକାରୀ କମିଟିରେ ସଭ୍ୟମାନଙ୍କ ସଂଖ୍ୟାର ସଂରକ୍ଷଣ ଯେପରି ବଜାୟ ରହିବ ତାହା ନିର୍ବାଚନ ଅଧିକାରୀଙ୍କ ଦାୟିତ୍ୱ।

(୫) କାର୍ଯ୍ୟକାରୀ କମିଟିର କାର୍ଯ୍ୟକାଳ ଏକକାଳୀନ ୩ ବର୍ଷ ପର୍ଯ୍ୟନ୍ତ ରହିବା ପାଇଁ ବନ୍ଦୋବସ୍ତ ଅଛି ।

## ୫. ବୈଠକ

(୧) ସାଧାରଣ ପରିଷଦ ବୈଠକ (ଜି.ବି.)

(କ) ଭିଏସ୍‌ଏସ୍/ଇଡିସିର ସାଧାରଣ ପରିଷଦ ବୈଠକ ପ୍ରତି ଛଅ ମାସରେ ଅନ୍ତତଃପକ୍ଷେ ଥରେ ଡକାଯାଇ ବୈଠକର ଆୟୋଜନ କରାଯିବ। ଆବଶ୍ୟକସ୍ଥଳେ ଏକାଧିକବାର ମଧ୍ୟ ଡକାଯାଇପାରିବ।

(ଖ) ସଭାପତିଙ୍କ ଅନୁମୋଦନକ୍ରମେ ସମ୍ପାଦକ ସାଧାରଣ ପରିଷଦ ସଭାର ବୈଠକ ଡକାଇବେ। ସାଧାରଣ ପରିଷଦ ବୈଠକ ପାଇଁ ସଭ୍ୟମାନଙ୍କୁ ଅନୂନ୍ୟ ୧୫ ଦିନ ପୂର୍ବରୁ ଏକ ନୋଟିସ ଦ୍ୱାରା ଜଣାଇବାକୁ ପଡିବ। ସେହି ନୋଟିସର ଏକ ନକଲ ସ୍ଥାନୀୟ ଗ୍ରାମ ପଞ୍ଚାୟତକୁ ମଧ୍ୟ ପଠାଇବା ବାଞ୍ଛନୀୟ।

(ଗ) ସଭାପତିଙ୍କ ଅନୁପସ୍ଥିତିରେ ଉପସଭାପତି ବୈଠକରେ ଅଧ୍ୟକ୍ଷତା କରିବେ।

(ଘ) ଭିଏସ୍‌ଏସ୍/ଇଡିସିର ସାଧାରଣ ପରିଷଦ ବୈଠକରେ ଶତକଡା ୫୦ ଭାଗ ସଭ୍ୟଙ୍କ ଉପସ୍ଥିତି ହେଲେ ଯାଇ ତାହା ବୈଠକଭାବେ ଗଣାଯିବ। ଉପସ୍ଥିତ ସଭ୍ୟଙ୍କ ମଧ୍ୟରୁ ସବୁ ସମୟରେ ଏକ ତୃତୀୟାଂଶ ମହିଳା ଉପସ୍ଥିତ ହେଉଥିବା ଆବଶ୍ୟକ।

(ଙ) ଆବଶ୍ୟକୀୟ ପରିସ୍ଥିତିରେ ଭିଏସ୍‌ଏସ୍/ଇଡିସିର ସାଧାରଣ ପରିଷଦର ସ୍ୱତନ୍ତ୍ର ବୈଠକ ମଧ୍ୟ ଡକାଯାଇପାରିବ, ମାତ୍ର ଏପରି ବୈଠକ ଡକାଇବାକୁ ହେଲେ ଏକ ତୃତୀୟାଂଶ ସଭ୍ୟ ରାଜି ହୋଇ ଲିଖିତଭାବେ କମିଟି ସଭାପତିଙ୍କୁ ଆବେଦନ କରିବା ଆବଶ୍ୟକ। ଯେଉଁଠାରେ ସଭାପତି ସଭା ଡକାଇବେ ନାହିଁ, ସେ କ୍ଷେତ୍ରରେ ସମ୍ପାଦକ ଉପସଭାପତିଙ୍କ ଅନୁମୋଦନକ୍ରମେ ସଭା ଡକାଇପାରିବେ। ଏପରି ସଭା ପାଇଁ ସଭା ଡକାଯିବାର ନିର୍ଦ୍ଦିଷ୍ଟ କାରଣ ଉଲ୍ଲେଖ ଥାଇ ଅତି କମରେ ୩ଦିନର ଗୋଟିଏ ନୋଟିସ ସଭ୍ୟମାନଙ୍କୁ ଦେବା ପାଇଁ ପଡିବ। ଏହି ସଭାର ନିଷ୍ପତ୍ତି ଭିଏସ୍‌ଏସ୍/ଇଡିସିର ସାଧାରଣ ପରିଷଦର ଦୁଇ ତୃତୀୟାଂଶ ସଭ୍ୟଙ୍କ ଦ୍ୱାରା ଗୃହୀତ ହେବା ଆବଶ୍ୟକ।

(ଚ) କମିଟିର ସମ୍ପାଦକ, ସଭାର ବିବରଣୀ ଲିପିବଦ୍ଧ କରାଇ ତାହାକୁ ସଭାପତିଙ୍କର ଅନୁମୋଦନ କରାଇବେ। ବିବରଣୀର ଏକ ନକଲ ସଭାଖାତାରେ ଲଗାଯିବା ସହ ଗାର୍ଡ ଫାଇଲରେ ମଧ୍ୟ ଲଗାଯିବ। ବୈଠକରେ ନିଆଯାଇଥିବା ପ୍ରସ୍ତାବର ଏକ ନକଲ ସମ୍ପାଦକଙ୍କ ସ୍ୱାକ୍ଷର ସହ ସ୍ଥାନୀୟ ବନାଞ୍ଚଳ ଅଧିକାରୀ ଓ ଗ୍ରାମ ପଞ୍ଚାୟତକୁ ପଠାଯିବ।

(ଛ) କାର୍ଯ୍ୟକାରୀ କମିଟିର କାର୍ଯ୍ୟକାଳ ଶେଷ ହେବାର ଅତି କମ୍‌ରେ ଏକ ମାସ ପୂର୍ବରୁ ନୂତନ କମିଟିର କର୍ମକର୍ତ୍ତା ସାଧାରଣ ପରିଷଦର ସଭ୍ୟଙ୍କ ଦ୍ୱାରା ନିର୍ବାଚିତ ହେବେ।

**(୨) କାର୍ଯ୍ୟକାରୀ କମିଟି**

(କ) କାର୍ଯ୍ୟକାରୀ କମିଟି ଆବଶ୍ୟକତା ଅନୁସାରେ ବୈଠକ କରାଇପାରିବେ ଏବଂ ଅତି କମ୍‌ରେ ଦୁଇ ମାସକୁ ଥରେ ବୈଠକ କରାଇବେ ।

(ଖ) ବୈଠକରେ ସଭାପତି ଓ ତାଙ୍କ ଅନୁପସ୍ଥିତିରେ ଉପସଭାପତି ଅଧ୍ୟକ୍ଷତା କରିବେ ।

(ଗ) କାର୍ଯ୍ୟକାରୀ କମିଟିରେ ଅନ୍ୟୁନ୍ୟ ଶତକଡା ୫୦ ଭାଗ ସଭ୍ୟ ଉପସ୍ଥିତ ରହିବା ଆବଶ୍ୟକ ଏବଂ ବୈଠକରେ ଉପସ୍ଥିତ ସଭ୍ୟଙ୍କ ମଧ୍ୟରୁ ଏକ ତୃତୀୟାଂଶ ମହିଳା ସଭ୍ୟ ହୋଇଥିବା ଆବଶ୍ୟକ।

## ୬. ଭିଏସ୍‌ଏସ୍/ଇଡିସିର ଦାୟିତ୍ୱ ଓ କର୍ତ୍ତବ୍ୟ

(୧) ଭିଏସ୍‌ଏସ୍/ ଇଡିସିର ସଭ୍ୟମାନେ ବ୍ୟକ୍ତିଗତ ତଥା ସାମୂହିକଭାବେ ସୁରକ୍ଷିତ ଜଙ୍ଗଲରେ ବୃକ୍ଷରାଜି, ବନ୍ୟପ୍ରାଣୀ ଓ ଜୈବବିବିଧତାର ସୁରକ୍ଷା କରିବେ।

(୨) ନିକଟବର୍ତ୍ତୀ ଅଞ୍ଚଳର ଜଳ ସମ୍ପଦ ଓ ଜଳଛାୟା ତଥା ନଷ୍ଟ ହେଉଥିବା ପରିବେଶର ସୁରକ୍ଷା ପାଇଁ ଭିଏସ୍‌ଏସ୍/ ଇଡିସିର ସଭ୍ୟମାନେ ଆବଶ୍ୟକ ଉଦ୍ୟମ କରିବେ।

(୩) ଭିଏସ୍‌ଏସ୍/ ଇଡିସି, ଜଙ୍ଗଲରେ ଓ ଗ୍ରାମ ନିକଟରେ ଥିବା ସୁରକ୍ଷିତ ଜଙ୍ଗଲରେ ଥିବା ସ୍ଥାନୀୟ ବୃକ୍ଷରାଜି, ଔଷଧୀୟ ଓ ଅଣକାଷ୍ଠ ବନଜାତ ଦ୍ରବ୍ୟର ଚାରାରୋପଣ ପାଇଁ ଗୁରୁତ୍ୱ ପ୍ରଦାନ କରିବେ।

(୪) ଜଙ୍ଗଲ, ବନ୍ୟପ୍ରାଣୀ ଓ ଜୈବବିବିଧତାର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଥିବା ଯେକୌଣସି କାର୍ଯ୍ୟକଳାପ ତଥା ଗୋଷ୍ଠୀ ଜଙ୍ଗଲ ସମ୍ପଦର ସୁବ୍ୟବହାର ନେଇ ପଲ୍ଲୀସଭା ଦ୍ୱାରା ଗୃହୀତ ନିଷ୍ପତ୍ତି ଯେପରି ସଠିକଭାବେ କାର୍ଯ୍ୟକାରୀ ହେବ, ତାହା ନିଶ୍ଚିତ କରିବେ।

(୫) କାର୍ଯ୍ୟକାରୀ କମିଟିରେ ଯେକୌଣସି ସଭ୍ୟ ଯଦି ସଠିକଭାବେ ସେମାନଙ୍କ ଦାୟିତ୍ୱ ନ ତୁଲାନ୍ତି, ତାଙ୍କୁ ବହିଷ୍କାର କରିବା ସହ ତାଙ୍କ ବଦଳରେ ଜଣେ ନୂତନ ସଭ୍ୟଙ୍କୁ ନିର୍ବାଚିତ କରିବାର କ୍ଷମତା ଭିଏସ୍‌ଏସ୍/ ଇଡିସିର ସାଧାରଣ ପରିଷଦରେ ନ୍ୟସ୍ତ କରାଯାଇଛି। ଏଥିପାଇଁ ସାଧାରଣ ପରିଷଦର ଦୁଇ ତୃତୀୟାଂଶ ସଭ୍ୟଙ୍କ ସହମତି ଆବଶ୍ୟକ।

## ୭. କାର୍ଯ୍ୟକାରୀ କମିଟି (ଇ.ସି.)ର ଦାୟିତ୍ୱ ଓ କର୍ତ୍ତବ୍ୟ

(୧) ଯୁଗ୍ମ ବନ ପରିଚାଳନା ସଂକଳ୍ପ ଅନୁସାରେ ଭିଏସ୍‌ଏସ୍/ ଇଡିସିର ଦୈନନ୍ଦିନ କାର୍ଯ୍ୟକ୍ରମ ପରିଚାଳନା କରିବା କାର୍ଯ୍ୟକାରୀ କମିଟିର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ। କାର୍ଯ୍ୟକାରୀ କମିଟି, ଅଣୁ ଯୋଜନା(ମାଇକ୍ରୋ

ପ୍ଲାନ) ପ୍ରସ୍ତୁତ କରିବା ସହ ସୁରକ୍ଷିତ ଜଙ୍ଗଲ ଅଞ୍ଚଳ ପାଇଁ ବାର୍ଷିକ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବା ତଥା ଅନ୍ୟାନ୍ୟ ବିକାଶମୂଳକ ଯୋଜନା ଯାହାକି ଜଙ୍ଗଲଭିତ୍ତିକ ଜୀବନ ଜୀବିକା ନିର୍ବାହ ପ୍ରକ୍ରିୟା ସହ ଜଡିତ, ତାହା ପ୍ରସ୍ତୁତ କରି ସମ୍ପୃକ୍ତ ବନାଞ୍ଚଳ ଅଧିକାରୀଙ୍କ ପାଖରୁ ବୈଷୟିକ ଯାଞ୍ଚ କରାଇ ଭିଏସ୍ଏସ୍/ ଇଡିସିର ଅନୁମୋଦନ କରାଇବା, କାର୍ଯ୍ୟକାରୀ କମିଟିର କର୍ତ୍ତବ୍ୟ। ଅଣୁଯୋଜନା ଓ ବାର୍ଷିକ କାର୍ଯ୍ୟ ଯୋଜନା ତଥା ଭିଏସ୍ଏସ୍/ ଇଡିସି ସାଧାରଣ ପରିଷଦର ଅନ୍ୟ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ଓ ପରିଚାଳନା କରିବା କାର୍ଯ୍ୟକାରୀ କମିଟିର ମଧ୍ୟ କର୍ତ୍ତବ୍ୟ।

(୨) ଭିଏସ୍ଏସ୍/ ଇଡିସିର ସୁରକ୍ଷିତ ଜଙ୍ଗଲ ଅଞ୍ଚଳର ସୁରକ୍ଷା କରିବା ସହ ଯେଉଁମାନେ ଜଙ୍ଗଲ ଅପରାଧରେ ଜଡିତ ସେମାନଙ୍କୁ ଧରାଇବାରେ ବନ ବିଭାଗକୁ ସହାୟତା କରିବା ଦାୟିତ୍ୱ ମଧ୍ୟ କାର୍ଯ୍ୟକାରୀ କମିଟିର। ନିଜ ଗ୍ରାମ୍ୟ ସୀମା ମଧ୍ୟରେ କୌଣସି ଜଙ୍ଗଲ ଅପରାଧ ତଥା ବନଜାତ ସାମଗ୍ରୀ ଜବତ ଘଟଣା ଯଦି ଘଟିଥାଏ ଏବଂ ତାହା ନିର୍ଦ୍ଧାରିତ ନିୟମର ପାରା ୧୧(୩) ଅନୁସାରେ ଜବତ ହୋଇଥାଏ ତେବେ ଭିଏସ୍ଏସ୍/ ଇଡିସିର ସଭ୍ୟମାନେ ନିୟମ ମୁତାବକ ଜବତ ସାମଗ୍ରୀର ବିକ୍ରି ମୂଲ୍ୟର କିଛି ନିର୍ଦ୍ଦିଷ୍ଟ ଅଂଶ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହେବେ।

(୩) କାର୍ଯ୍ୟକାରୀ କମିଟି, ସାଧାରଣ ପରିଷଦ ସହ ପରାମର୍ଶ କରି ସଭ୍ୟପଦ, ସୁରକ୍ଷିତ ଜଙ୍ଗଲର ବିବାଦର ସମାଧାନ, ଜବରଦଖଲର ପ୍ରତିରୋଧ, ପାରମ୍ପରିକ ଜଙ୍ଗଲ ଅଧିକାର ଆଇନର କାର୍ଯ୍ୟକାରିତା ଓ ବାଉଁଶ ସମେତ ଅନ୍ୟ ଅଣକାଷ୍ଠ ବନଜାତ ଦ୍ରବ୍ୟର ବନ୍ଧୁତ୍ୱପୂର୍ଣ୍ଣ ସୁଷମବଣ୍ଟନ ଏବଂ ସେଗୁଡିକର ବ୍ୟବହାର ପରି ପ୍ରସଙ୍ଗଗୁଡିକର ଏକ ନିର୍ଦ୍ଦିଷ୍ଟ ନିୟମ ପ୍ରସ୍ତୁତ କରିବା ଦିଗରେ କାର୍ଯ୍ୟ କରିବା ଉଚିତ୍।

(୪) ସରକାରୀସ୍ତରରୁ ପ୍ରାପ୍ତ ଅନୁଦାନ, ଅନ୍ୟ ସଂସ୍ଥାରୁ ପ୍ରାପ୍ତ ଅନୁଦାନ ଏବଂ ଗ୍ରାମବାସୀଙ୍କଠାରୁ ମିଳିଥିବା କୌଣସି ଅର୍ଥ ବ୍ୟାଙ୍କ୍ ଜମାଖାତାକୁ ଆଣିବା ଓ ସେହି ଅର୍ଥର ସଠିକ୍ ବିନିଯୋଗ କରିବା କାର୍ଯ୍ୟକାରୀ କମିଟିର ମଧ୍ୟ କର୍ତ୍ତବ୍ୟ। ଏଥିପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ବିଭିନ୍ନ ବ୍ୟବସାୟିକ, ଗ୍ରାମ୍ୟ କିମ୍ୱା ସମବାୟ ବ୍ୟାଙ୍କ କିମ୍ୱା ପୋଷ୍ଟଅଫିସରେ ଭିଏସ୍ଏସ୍/ଇଡିସି ନାମରେ ଏକ ଯୁଗ୍ମ ଜମାଖାତା ଖୋଲାଯିବ। ଏହା ଭିଏସ୍ଏସ୍/ଇଡିସିର ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କ ଦ୍ୱାରା ଯୁଗ୍ମଭାବେ କାର୍ଯ୍ୟକାରୀ ହେବ। ଭିଏସ୍ଏସ୍/ଇଡିସିର ଖର୍ଚ୍ଚ ପ୍ରମାଣପତ୍ର ମିଳିତଭାବେ ସଭାପତି ଓ ସମ୍ପାଦକଙ୍କ ସ୍ୱାକ୍ଷରରେ ସମ୍ପୃକ୍ତ ଅଧିକାରୀଙ୍କୁ ପ୍ରଦାନ କରାଯିବ।

(୫) ନିର୍ଦ୍ଧାରିତ ନିୟମ ଅନୁସାରେ ଭିଏସ୍ଏସ୍/ଇଡିସି ଜମାଖାତାର ନିୟମିତ ପରିଚାଳନା, କାର୍ଯ୍ୟକାରୀ କମିଟିର ଦାୟିତ୍ୱ।

(୬) ଅଣକାଷ୍ଠ ବନଜାତ ଦ୍ରବ୍ୟ ତଥା ଅନ୍ୟ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ତଥା ପ୍ରକ୍ରିୟା କରଣ ଓ ବିକ୍ରିବଟାରେ ସଭ୍ୟମାନଙ୍କୁ ଯେପରି ଅଧିକ ଆୟ ମିଳିପାରିବ ସେଥିପାଇଁ ବଜାର ସହିତ ସମ୍ପର୍କ ସୃଷ୍ଟି କରିବା କାର୍ଯ୍ୟକାରୀ କମିଟିର ଦାୟିତ୍ୱ। ଏ ଦିଗରେ ବନ ବିଭାଗ ଆବଶ୍ୟକ ସହାୟତା ଯୋଗାଇଦେବେ।

(୭) ଭିଏସ୍ଏସ୍/ଇଡିସିର ବାର୍ଷିକ ଆୟବ୍ୟୟର ହିସାବ ନିକାସ ସାଧାରଣ ପରିଷଦ ବୈଠକରେ ଅନୁମୋଦନ ପାଇଁ ଉପସ୍ଥାପନ କରାଯିବ।

## ୮. ପଲ୍ଲୀସଭାର ଭୂମିକା

ଭାରତର ସମ୍ବିଧାନର ୭୩ତମ ସଂଶୋଧନ ଫଳରେ କିଛି ନିର୍ଦ୍ଦିଷ୍ଟ କ୍ଷମତା ଓ ଦାୟିତ୍ୱ ପଞ୍ଚାୟତିରାଜ ସଂସ୍ଥାଗୁଡିକୁ ଅର୍ପଣ କରାଯାଇଛି। ତେଣୁ ଭିଏସ୍ଏସ୍/ଇଡିସି ଭଳି ଗ୍ରାମ୍ୟସ୍ତରୀୟ ଅନୁଷ୍ଠାନ ଏବଂ ପଞ୍ଚାୟତିରାଜ ସଂସ୍ଥା ମଧ୍ୟରେ ଉତ୍ତମ ସମ୍ପର୍କ ସହ ପଲ୍ଲୀସଭା ମାଧ୍ୟମରେ ଜଙ୍ଗଲ ପରିଚାଳନା କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି।

(୧) ଜଙ୍ଗଲ, ବନ୍ୟଜନ୍ତୁ ଓ ପରିବେଶର ସୁରକ୍ଷା ଓ ସଂରକ୍ଷଣ ପ୍ରସଙ୍ଗରେ ଭିଏସ୍ଏସ୍/ଇଡିସିର କାର୍ଯ୍ୟକାରୀ କମିଟି ଗ୍ରାମସଭାର ଏକ ଉପ କମିଟିଭାବେ କାର୍ଯ୍ୟ କରିବ।

(୨) ଭିଏସ୍ଏସ୍/ଇଡିସିର କାର୍ଯ୍ୟକାରୀ କମିଟିର କାର୍ଯ୍ୟକଳାପ ଯଦି ଜଙ୍ଗଲ ସୁରକ୍ଷାର ପ୍ରତିବନ୍ଧକ ହୁଏ ଓ ଲୋକଙ୍କ ବୃହତ୍ତର ସ୍ୱାର୍ଥର ବିରୋଧୀ ହୁଏ, ତେବେ ସେହି କମିଟିକୁ ଭାଙ୍ଗି ଏକ ନୂତନ କମିଟି ଗଠନ କରିବାକୁ ଭିଏସ୍ଏସ୍/ଇଡିସି ଅନୁମୋଦନ କରିପାରିବେ। ଏପରି ଅନୁମୋଦନ ପ୍ରାପ୍ତ ହେବା ପରେ ପଲ୍ଲୀସଭା, ଘଟଣାର ସମ୍ପୂର୍ଣ୍ଣ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ତଦନ୍ତର ସମସ୍ତ ବିବରଣୀକୁ ବନଖଣ୍ଡ ଅଧିକାରୀଙ୍କ ପାଖକୁ ପଠାଇବେ। ବନଖଣ୍ଡ ଅଧିକାରୀ ଘଟଣାର ଗୁରୁତ୍ୱ ଉପଲବ୍ଧି କରି ଓ ସତ୍ୟାସତ୍ୟ ପରୀକ୍ଷା କରିବା ପରେ ଭିଏସ୍ଏସ୍/ଇଡିସିର କାର୍ଯ୍ୟକାରୀ କମିଟିକୁ ଭାଙ୍ଗିବାକୁ ସୁପାରିଶ କରି ଏହାର ପୁନର୍ଗଠନ କରିବାକୁ ପରାମର୍ଶ ଦେବେ। ଜିଲାସ୍ତରୀୟ ଷ୍ଟିୟରିଂ କମିଟିର ପରବର୍ତ୍ତୀ ବୈଠକରେ ବନଖଣ୍ଡ ଅଧିକାରୀଙ୍କୁ ଏପରି କାର୍ଯ୍ୟକାରୀ କମିଟି ଭଙ୍ଗିବା ପାଇଁ ନିଷ୍ପତ୍ତି ଜଣାଇବେ।

## ୯. ବନ ବିଭାଗର ଭୂମିକା

(୧) ଭିଏସ୍ଏସ୍/ଇଡିସିର ପଞ୍ଜୀକରଣ କରିବା ଓ ସେମାନଙ୍କ ସହ ଆବଶ୍ୟକ ଯୋଗାଯୋଗ ରଖିବା।

(୨) ଜଙ୍ଗଲ ଅପରାଧ ବନ୍ଦ କରିବା ଓ ସେମାନଙ୍କର ଚିହ୍ନଟ ପାଇଁ ଭିଏସ୍ଏସ୍/ଇଡିସିର ସହାୟତା ଲୋଡିବା।

(୩) ଭିଏସ୍‌ଏସ୍/ଇଡିସି ସଭ୍ୟମାନେ ଜଙ୍ଗଲ ଅପରାଧୀ ମାନଙ୍କୁ ବନ ବିଭାଗକୁ ହସ୍ତାନ୍ତର କଲେ କିମ୍ବା ଜବତ ଜଙ୍ଗଲଜାତ ଦ୍ରବ୍ୟ ଧରାଇଦେଲେ, ଆଇନାନୁସାରେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା।

(୪) ଜଙ୍ଗଲର ବିଭିନ୍ନ ଉନ୍ନୟନ ପରିଚାଳନା ଯୋଜନା, ଖୁଣ୍ଟାକଟା, ବୁଦାକଟା ଆଦି କାର୍ଯ୍ୟ, ଚାରା ଉତ୍ପାଦନର ଜ୍ଞାନକୌଶଳ, ଜଙ୍ଗଲ ଆଇନ୍, ଭିଏସ୍‌ଏସ୍/ଇଡିସିର ଆୟବ୍ୟୟର ହିସାବ, ରେକର୍ଡପତ୍ରର ରକ୍ଷଣାବେକ୍ଷଣ, ଲଘୁ ଉଦ୍ୟୋଗର ବିକାଶ, ଅଣକାଷ୍ଠ ବନଜାତ ଦ୍ରବ୍ୟର ବିଭିନ୍ନ ମୂଲ୍ୟବୃଦ୍ଧି କାର୍ଯ୍ୟକ୍ରମ ଓ ପ୍ରକ୍ରିୟାକରଣ ଆଦି କ୍ଷେତ୍ରରେ ଭିଏସ୍‌ଏସ୍/ଇଡିସି ସଭ୍ୟମାନଙ୍କୁ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ରୂପାୟନ କରାଇବାରେ ସହାୟତା ପ୍ରଦାନ କରିବା।

(୫) ଅଣୁ ଯୋଜନା/ ବାର୍ଷିକ କାର୍ଯ୍ୟ ଯୋଜନା ପ୍ରସ୍ତୁତି ଓ କାର୍ଯ୍ୟକ୍ରମ ରୂପାୟନ କରିବାରେ ଭିଏସ୍‌ଏସ୍/ଇଡିସିକୁ ବୈଷୟିକ ସହାୟତା ପ୍ରଦାନ କରିବା।

(୬) ସମ୍ପୃକ୍ତ ସଂରକ୍ଷିତ ଜଙ୍ଗଲ ଅଞ୍ଚଳ/ ସଂରକ୍ଷିତ ଅଞ୍ଚଳ ପାଇଁ କାର୍ଯ୍ୟ ଖସଡା/ ପରିଚାଳନା ଯୋଜନା ପ୍ରସ୍ତୁତି ସମୟରେ ଭିଏସ୍‌ଏସ୍/ଇଡିସି ଠାରୁ ବିଭିନ୍ନ ପ୍ରସ୍ତାବ ଆହ୍ୱାନ କରିବା।

(୭) ପ୍ରଚଳିତ ବ୍ୟବସ୍ଥା ବା ନିୟମ ଅନୁସାରେ ଲାଭାଂଶ ବଣ୍ଟନକୁ ନିଶ୍ଚିତ କରିବା ପାଇଁ ଭିଏସଏସ/ଇଡିସି ସହ ବୁଝାମଣାପତ୍ର ସ୍ୱାକ୍ଷର କରିବା।

(୮) ଅଣୁଯୋଜନାର ସଫଳ ରୂପାୟନ ତଥା ସମ୍ପୃକ୍ତ ସୁରକ୍ଷିତ ଜଙ୍ଗଲ ଅଞ୍ଚଳର ବିକାଶ ପାଇଁ ସରକାରଙ୍କ ଅନ୍ୟ ବିଭାଗ/ ସଂସ୍ଥା ସହ ସୁସମ୍ପର୍କ ସ୍ଥାପନ କରିବା।

(୯) ରହିଆସିଥିବା ବିଭିନ୍ନ ବିବାଦର ସମାଧାନ କରାଇ କାର୍ଯ୍ୟକାରୀ କମିଟି ଯେପରି ସୂଚାରୁରୂପେ ତାହାର କର୍ତ୍ତବ୍ୟ ସମ୍ପାଦନ କରିବ, ସେଥିପାଇଁ ଆବଶ୍ୟକ ପ୍ରୋତ୍ସାହନ ଦେବା।

## ୧୦. ଅଣୁ ଯୋଜନା

(୧) କାର୍ଯ୍ୟକାରୀ କମିଟି ଗଠିତ ହେବା ପରେ କମିଟି ସଭ୍ୟଙ୍କ ଦ୍ୱାରା ଯଥାଶୀଘ୍ର ଅଣୁ ଯୋଜନା ପ୍ରସ୍ତୁତ କରାଯିବ। ଏହା ଭିଏସ୍‌ଏସ୍ ସଭ୍ୟମାନଙ୍କ ସକ୍ରିୟ ସହଯୋଗରେ ତଥା ବନ ବିଭାଗର କ୍ଷେତ୍ର କର୍ମଚାରୀମାନଙ୍କ ବୈଷୟିକ ସହାୟତାରେ ପ୍ରସ୍ତୁତ କରାଯିବ।

(୨) ସୁରକ୍ଷିତ ଜଙ୍ଗଲର ପରିଚାଳନା ଓ ସଂରକ୍ଷଣ କରିବା, ଆବଶ୍ୟକୀୟ ଅନ୍ୟ ସରକାରୀ ବିଭାଗର ସକ୍ରିୟ ଅଂଶଗ୍ରହଣ ମାଧ୍ୟମରେ ଜଙ୍ଗଲ ଅଞ୍ଚଳ ବାହାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ସହ ଜଙ୍ଗଲଭିତ୍ତିକ ଜୀବନ ଜୀବିକା ନିର୍ବାହ କାର୍ଯ୍ୟକ୍ରମର ଏକତ୍ରିକରଣ କରାଇବା ଅଣୁ ଯୋଜନା ପ୍ରସ୍ତୁତର ଉଦ୍ଦେଶ୍ୟ।

(୩) ଅଣୁ ଯୋଜନା ମୁଖ୍ୟତଃ ବର୍ଷଓ୍ୱାରୀ ଓ ସ୍ଥାନଓ୍ୱାରୀ ବନୀକରଣ ପାଇଁ ଆବଶ୍ୟକ ଭିତ୍ତିଭୂମି ନିରୁପଣ କରିବ ଓ ସେଥିରେ ସେହି ସ୍ଥାନୀୟ ଅଞ୍ଚଳରେ ଥିବା ବିଭିନ୍ନ ଔଷଧୀୟ ଓ ଅଣକାଷ୍ଠ ଚାରା ରୋପଣ, ଜଳ ଓ ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମ ଏବଂ ଜଙ୍ଗଲ ଉପରେ ନିର୍ଭରଶୀଳ ସମ୍ପ୍ରଦାୟର ଜୀବନ ଜୀବିକା ନିର୍ବାହ ପାଇଁ ଆବଶ୍ୟକୀୟ କାର୍ଯ୍ୟକ୍ରମ ସମ୍ପର୍କରେ ଉଲ୍ଲେଖ ରହିବ। ନୂତନ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍ଜି) ଗଠନ, ସ୍ଥାନୀୟ ଅଞ୍ଚଳରେ ଉପଲବ୍ଧ ବନଜାତ ସମ୍ପଦକୁ ନେଇ ଲଘୁ ଉଦ୍ୟୋଗ ପ୍ରତିଷ୍ଠା କରିବା ତଥା ପରିବେଶ ପର୍ଯ୍ୟଟନ, ବିଭିନ୍ନ ଜଙ୍ଗଲ କୃଷି କାର୍ଯ୍ୟକ୍ରମ, ଧୂମ୍ରବିହୀନ ଚୁଲା ଯୋଗାଣ ପାଇଁ ପ୍ରୋତ୍ସାହନ, ପଶୁ ପାଳନ, ମାଛ ଚାଷ, ମହୁ ଚାଷ, ଛତୁ ଚାଷ, ଟସର ଓ ଲାଖ ଚାଷ ଆଦି ବିଭିନ୍ନ ବିକାଶ ମୂଳକ କାର୍ଯ୍ୟକ୍ରମ ଆଦି ସମ୍ପର୍କରେ ମଧ୍ୟ ଅଣୁ ଯୋଜନାରେ ଅର୍ନ୍ତଭୁକ୍ତ ହେବା ଆବଶ୍ୟକ।

(୪) ବିଭିନ୍ନ ପ୍ରକାରର ବୃକ୍ଷରୋପଣ ଯୋଜନା ମାଧ୍ୟମରେ କେଉଁ ଯାଗାରେ କେଉଁ ପ୍ରକାରର ଚାରାରୋପଣ କରାଯିବ ତାହା ଗ୍ରାମ ବାସୀଙ୍କ ସହ ଆଲୋଚନା ପରେ ଯାଇ ଅଣୁଯୋଜନାରେ ଲିପିବଦ୍ଧ ହେବା ଆବଶ୍ୟକ। ଏଥିସହ ଅଣୁଯୋଜନାରେ ସେହି ଅଞ୍ଚଳରେ ପ୍ରଚଳିତ ବନ ଯୋଜନା (ଓ୍ୱାର୍କିଂ ପ୍ଲାନ) ଓ ସୁରକ୍ଷିତ ଅଞ୍ଚଳର ବନ୍ୟପ୍ରାଣୀ ପରିଚାଳନା (ମ୍ୟାନେଜ୍ମେଣ୍ଟ ପ୍ଲାନ) ଅନୁଯାୟୀ ପ୍ରସ୍ତୁତ କରାଯିବ।

(୫) ଅଣୁ ଯୋଜନା ଏପରିଭାବେ ପ୍ରସ୍ତୁତ ହେବା ଆବଶ୍ୟକ, ଯାହା ପ୍ରଚଳିତ ଆଇନ ସମ୍ମତ ହେଉଥିବ।

(୬) ସମସ୍ତ ପ୍ରକାର ଅଣକାଷ୍ଠ ବନଜାତ ଦ୍ରବ୍ୟ ଯାହା ସେହି ଅଞ୍ଚଳରୁ ସଂଗ୍ରହ କରାଯାଉଥିବ ତାହାର ଏକ ସମ୍ପୂର୍ଣ୍ଣ ବିବରଣୀ ଅଣୁ ଯୋଜନାରେ ଲିପିବଦ୍ଧ ହେବା ବାଞ୍ଛନୀୟ, ସେଥିରେ ଲୋକମାନଙ୍କ ଦ୍ୱାରା ସଂଗ୍ରହର ପରିମାଣ, ଜଙ୍ଗଲର ଉତ୍ପାଦନ କ୍ଷମତା ଏବଂ ସ୍ଥାନୀୟ ପରିବେଶ ତଥା ଜୈବବିବିଧତାକୁ ଲକ୍ଷ୍ୟ ରଖି ପ୍ରସ୍ତୁତ କରାଯିବା ଆବଶ୍ୟକ।

(୭) କାର୍ଯ୍ୟକାରୀ କମିଟି ଦ୍ୱାରା ପ୍ରସ୍ତୁତ ଚିଠା ଅଣୁ ଯୋଜନା ବନାଞ୍ଚଳ ଅଧିକାରୀଙ୍କ ଦ୍ୱାରା ବୈଷୟିକ, ଆର୍ଥିକ ଓ ଆଇନଗତ ଦିଗରୁ ଯାଞ୍ଚ କରାଯିବା ପରେ ଯାଇ ଆଲୋଚନା ତଥା ଅନୁମୋଦନ ପାଇଁ ଭିଏସ୍ଏସ୍/ ଇଡିସିର ସାଧାରଣ ପରିଷଦ ବୈଠକରେ ଉପସ୍ଥାପନ କରାଯିବ।

## ୧୧. ବନଜାତ ଦ୍ରବ୍ୟର ସୁଷମ ବଣ୍ଟନ

(୧) ନିର୍ଦ୍ଧାରିତ ସୁରକ୍ଷିତ ଜଙ୍ଗଲ ଅଞ୍ଚଳରୁ ନିମ୍ନଲିଖିତ ବଳକା ବନଜାତ ଦ୍ରବ୍ୟର ସଂଗ୍ରହ ସୁବିଧା ଭିଏସ୍ଏସ୍/ ଇଡିସି ସଭ୍ୟମାନେ ପାଇବାକୁ ହକ୍ଦାର;

(କ) ବଳକା ପତ୍ର, ଘାସ ଚାରା, ଛପର ଘାସ, ଝାଡୁ ଘାସ, ବାଡ ବୁଜିବା ସାମଗ୍ରୀ, ପଡିଥିବା ବଳ୍ହା, ଯାହା ଜାଳଭାବେ ବ୍ୟବହାର କରାଯିବ ସେଗୁଡିକୁ ସଭ୍ୟମାନଙ୍କୁ ମାଗଣାରେ ବଣ୍ଟନ କରାଯିବ।

(ଖ) ଭିଏସ୍‌ଏସ୍/ଇଡିସି ଦ୍ୱାରା ସୁରକ୍ଷିତ ଜଙ୍ଗଲ ଅଞ୍ଚଳରୁ ବୁଦାକଟା, ଖୁଣ୍ଟାକଟା କାର୍ଯ୍ୟ (ସିଲଭିକଲଚରାଲ୍ ଅପରେସନ)ରୁ କିମ୍ବା ଜଙ୍ଗଲରୁ ମଝିରେ ମଝିରେ ମିଳୁଥିବା ବାଉଁଶ ଏବଂ ଜଙ୍ଗଲରୁ ମିଳୁଥିବା ସମସ୍ତ ମଧ୍ୟବର୍ତ୍ତୀକାଳୀନ ଉତ୍ପାଦନ ଯଥା ଛୋଟ କାଠ, ବଲ୍ଲୀ, ଜାଳ କାଠ ଆଦି କିଭଳି ସୁଷମଭାବେ ଭିଏସ୍‌ଏସ୍/ଇଡିସି ସଭ୍ୟମାନଙ୍କୁ ମିଳିପାରିବ, ତାହା କାର୍ଯ୍ୟକାରୀ କମିଟି ନିଷ୍ପତ୍ତି ଗ୍ରହଣ କରିବେ । ଯଦି ସେହି ସାମଗ୍ରୀ ନିୟମାନୁଯାୟୀ ବିକ୍ରି କରାଯାଏ, ତେବେ ସେହି ବିକ୍ରି ଲବ୍ଧ ଅର୍ଥ ଭିଏସ୍‌ଏସ୍/ଇଡିସିର ବ୍ୟାଙ୍କ୍ ଜମାଖାତାରେ ଜମା କରାଯିବ ।

(ଗ) କେନ୍ଦୁପତ୍ର ଏବଂ ବାଉଁଶ ବ୍ୟତୀତ ଯଦି ଅନ୍ୟ କିଛି ନିର୍ଦ୍ଦିଷ୍ଟ ବନଜାତ ଦ୍ରବ୍ୟ ସେ ଜଙ୍ଗଲରୁ ମିଳୁଥାଏ, ତେବେ ସେଗୁଡିକର ସଂଗ୍ରହ କରିବାର ଅଧିକାର କେବଳ ଭିଏସ୍‌ଏସ୍ ସଭ୍ୟଙ୍କ ପାଖରେ ରହିବ । ସେହି ସାମଗ୍ରୀଗୁଡିକ ନିର୍ଦ୍ଧାରିତ ସରକାରୀ ନିୟମ ଓ ପ୍ରଥା ଅନୁସାରେ ବଣ୍ଟନ ଏବଂ ବିକ୍ରୀ କରାଯିବ ।

(ଘ) ନିର୍ଦ୍ଧାରିତ ସୁରକ୍ଷିତ ଜଙ୍ଗଲ ଅଞ୍ଚଳରୁ ଯେତେବେଳେ ଚୁଡାନ୍ତ ଅମଳ (ଫାଇନାଲ ହାର୍ଭେଷ୍ଟ) କରାଯିବାକୁ ବ୍ୟବସ୍ଥା ଥିବ, ତାହା ବନ ବିଭାଗ ଦ୍ୱାରା ପ୍ରଚଳିତ କାର୍ଯ୍ୟ ଯୋଜନା (ଓ୍ୱାର୍କିଂ ପ୍ଲାନ)ର ବ୍ୟବସ୍ଥା ଅନୁଯାୟୀ ଏବଂ ଅଣୁଯୋଜନାର ଅନୁମୋଦନକ୍ରମେ ଅମଳ କରାଯିବ । ପ୍ରାକୃତିକ ବିପର୍ଯ୍ୟୟରେ କିମ୍ବା ପବନ ଦ୍ୱାରା ଉପୁଡି ପଡିଥିବା ଗଛଲତାକୁ ଚୁଡାନ୍ତ ଅମଳଭାବେ ପରିଗଣିତ କରାଯିବ । ଏପରି ଅମଳ ବା ଉଦ୍ଧାର କାର୍ଯ୍ୟରେ ଭିଏସ୍‌ଏସ୍/ଇଡିସି ସଭ୍ୟମାନଙ୍କୁ ଉଦ୍ଧାର ପାଇଁ ପ୍ରାଥମିକତା ପ୍ରଦାନ କରାଯିବ । ଉଦ୍ଧାର ହୋଇଥିବା ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ କରାଯିବ ଓ ତାହା ଭିଏସ୍‌ଏସ୍/ଇଡିସିକୁ ଅବଗତ କରାଯିବ । ସେହି ସାମଗ୍ରୀକୁ ବନ ବିଭାଗ କିମ୍ବା ବନ ବିଭାଗର ଅନୁମୋଦିତ ସଂସ୍ଥା (ଏଜେନ୍ସି) ବିକ୍ରି କରି ପାରିବେ । ଆନୁପାତିକଭାବେ ଅମଳ ଖର୍ଚ୍ଚ ବାଦ ଦେବା ପରେ ଭିଏସ୍‌ଏସ୍/ଇଡିସି ବିକ୍ରି ଲବ୍ଧ ଅର୍ଥରୁ ଶତକଡା ୫୦ଭାଗ ଅଂଶଧନ ପାଇବେ, ଯାହାକି ଭିଏସ୍‌ଏସ୍ ବ୍ୟାଙ୍କ ଜମାଖାତାରେ ଜମା କରାଯିବ ।

(ଙ) ଯଦି କୌଣସି କ୍ଷେତ୍ରରେ ଭିଏସ୍‌ଏସ୍/ଇଡିସି ଅଣ ଜଙ୍ଗଲ ଜମିରେ ଜଙ୍ଗଲ ସୃଷ୍ଟି କରି ତାହାର ପରିଚାଳନା କରୁଛନ୍ତି, ତେବେ ସେହି ଜଙ୍ଗଲରୁ ମଝିରେ ମଝିରେ ମିଳୁଥିବା ସାମଗ୍ରୀରୁ କିମ୍ବା ଚୁଡାନ୍ତ ଅମଳରୁ ପ୍ରାପ୍ତ ଉଦ୍‌ବୃତ ସାମଗ୍ରୀର ଲାଭ, ନିୟମ ଅନୁଯାୟୀ ଭିଏସ୍‌ଏସ୍/ଇଡିସିର ବ୍ୟାଙ୍କ ଜମାଖାତାକୁ ଯିବ ।

(ଚ) ଯଦି ଗ୍ରାମରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଘଟେ ଓ ସେହି ସମୟରେ ସୁରକ୍ଷିତ ଜଙ୍ଗଲ ଅଞ୍ଚଳରୁ ସଂଗ୍ରହ ହେଉଥିବା ଘର ମରାମତି ସାମଗ୍ରୀ ଓ ଅନ୍ୟ ଜଙ୍ଗଲଜାତ ସାମଗ୍ରୀର ଆବଶ୍ୟକତା ଅନୁସାରେ

ଭିଏସ୍‌ଏସ୍/ଇଡିସି ଜଙ୍ଗଲଜାତ ଦ୍ରବ୍ୟ ଓ ଘର ତିଆରି ସାମଗ୍ରୀ କାର୍ଯ୍ୟକାରୀ କମିଟିର ଅନୁମୋଦନ ପରେ ଅମଳ କରିପାରିବେ। ଏହା ଅଣୁ ଯୋଜନାର ଅନ୍ତର୍ଭୁକ୍ତ କାର୍ଯ୍ୟ ହୋଇନଥିବାରୁ ଏଥିପାଇଁ ବନଖଣ୍ଡ ଅଧିକାରୀଙ୍କଠାରୁ ଆବଶ୍ୟକୀୟ ଅନୁମତି ନେବାକୁ ପଡିବ।

(୨) ଜଙ୍ଗଲରୁ ମିଳୁଥିବା ବନଜାତ ଦ୍ରବ୍ୟକୁ ଭିଏସ୍‌ଏସ୍ ସଭ୍ୟମାନଙ୍କ ମଧ୍ୟରେ ସୁଷମଭାବେ ବଣ୍ଟନର ଦାୟିତ୍ୱ କାର୍ଯ୍ୟକାରୀ କମିଟିର ଅଟେ। ଯେଉଁ ଗୋଷ୍ଠୀ ବା ସମ୍ପ୍ରଦାୟର ପ୍ରକୃତ ଆବଶ୍ୟକତା ରହିଛି ଏବଂ ଯେଉଁମାନେ ଜଙ୍ଗଲ ଉପରେ ନିର୍ଭର କରି ସେମାନଙ୍କର ଗୁଜୁରାଣ ମେଣ୍ଟାନ୍ତି, ସେମାନଙ୍କ ପାଇଁ କାର୍ଯ୍ୟକାରୀ କମିଟି ସ୍ୱତନ୍ତ୍ର ଦୃଷ୍ଟି ଦେବେ।

(୩) ଯଦି କୌଣସି କ୍ଷେତ୍ରରେ ଭିଏସ୍‌ଏସ୍/ଇଡିସିର ସଭ୍ୟମାନେ ଜଙ୍ଗଲରୁ ଚୋରାଚାଲାଣ ଜଙ୍ଗଲ ଯାତ ସାମଗ୍ରୀ ଜବତ, ଧରପଗଡ ତଥା ସଂଗ୍ରହରେ ସହାୟତା କରନ୍ତି ତେବେ ସମ୍ପୃକ୍ତ ଭିଏସ୍‌ଏସ୍, ଓଡ଼ିଶା ଜଙ୍ଗଲ ଅପରାଧ ଓ ଧରପଗଡ ପୁରସ୍କାର ଆଇନ, ୨୦୦୪ର ଧାରା ୪ (୩) ଅନୁସାରେ ନିର୍ଦ୍ଧାରିତ ଅଂଶ ପାଇବାକୁ ଯୋଗ୍ୟ ବିବେଚିତ ହେବେ। ଜବତ ସାମଗ୍ରୀ ବିକ୍ରି ହେବା ପରେ ଯାଇ ଏହି ପୁରସ୍କାର ରାଶି ଭିଏସ୍‌ଏସ୍/ଇଡିସିର ବ୍ୟାଙ୍କ୍ ଜମାଖାତାରେ ବନଖଣ୍ଡ ଅଧିକାରୀଙ୍କ ଦ୍ୱାରା ଆଇନ ଅନୁସାରେ ଜମା କରାଯିବ।

## ୧୨. ସଂଗୃହୀତ ଜଙ୍ଗଲଜାତ ସାମଗ୍ରୀର ଚାଲାଣ

ସରକାରଙ୍କ ଦ୍ୱାରା ପ୍ରଣିତ ୧୯୮୦ ମସିହା ଓଡ଼ିଶା କାଷ୍ଠ ଓ ଅନ୍ୟାନ୍ୟ ବନ୍ୟଜାତ ପଦାର୍ଥ ଚାଲାଣ ନିୟମ, ଅନୁଯାୟୀ ଯେଉଁ ବନ୍ୟଜାତ ସାମଗ୍ରୀ ଚାଲାଣ ପାଇଁ ଅନୁମତି ଆବଶ୍ୟକ, ସେଗୁଡିକ ନିର୍ଦ୍ଧାରିତ ଜଙ୍ଗଲ ଅଞ୍ଚଳରୁ ଚାଲାଣ ପାଇଁ ସଭାପତି ଓ ସମ୍ପାଦକଙ୍କଦ୍ୱାରା ମିଳିତଭାବେ ଏକ ଅନୁମତି ପତ୍ର (ପରମିଟ), ନିର୍ଦ୍ଧାରିତ ଫର୍ମ (ଫର୍ମ-୪) ଅନୁସାରେ ପ୍ରଦାନ କରିବେ। ଏହି ଅନୁମତି ପତ୍ର କେବଳ ସେହି ଭିଏସ୍‌ଏସ୍ ଅଞ୍ଚଳ ପାଇଁ ବୈଧ ଯେଉଁ ଭିଏସ୍‌ଏସ୍ ସଭ୍ୟଙ୍କ ପାଇଁ ତାହା ପ୍ରଦାନ କରାଯାଇଛି। ଭିଏସ୍‌ଏସ୍/ଇଡିସି ଦ୍ୱାରା ଏ ଘଟଣାର ବିବରଣୀ ଲିପିବଦ୍ଧ କରାଯିବ ଓ ସମ୍ପାଦକ ପ୍ରତି ତିନି ମାସରେ ସ୍ଥାନୀୟ ବନାଞ୍ଚଳ ଅଧିକାରୀଙ୍କୁ ଏ ସମ୍ପର୍କରେ ଲିଖିତଭାବେ ଅବଗତ କରାଇବେ। ଯଦି ନିର୍ଦ୍ଧାରିତ ଅଞ୍ଚଳ ବାହାରକୁ ଏହା ଚାଲାଣ କରାଯିବାର ଆବଶ୍ୟକତା ଥାଏ, ତେବେ ଭିଏସ୍‌ଏସ୍/ଇଡିସିର ଆବେଦନକ୍ରମେ ସେହି ଚାଲାଣ ଅନୁମତି ନିର୍ଦ୍ଧାରିତ ଏବଂ ଅନୁମୋଦିତ ବନ ଅଧିକାରୀଙ୍କ ଦ୍ୱାରା ପ୍ରଦାନ କରାଯିବ।

## ୧୩. ବିବାଦ ସମାଧାନ

(୧) ଯଦି ଗୋଟିଏ ଗ୍ରାମ ମଧ୍ୟରେ ଯୁଗ୍ମ ବନ ପରିଚାଳନାର କାର୍ଯ୍ୟକାରିତାକୁ ନେଇ କୌଣସି ବିବାଦ ଉପୁଜେ, ତାହାକୁ ଭିଏସ୍‌ଏସ୍/ଇଡିସିର କାର୍ଯ୍ୟକାରୀ କମିଟି ଶାନ୍ତିପୂର୍ଣ୍ଣଭାବେ ଆପୋଷ ଆଲୋଚନା ମାଧମରେ ସମାଧାନ

କରିବେ। ଯଦି କମିଟି ବିବାଦ ସମାଧାନ କରିବାରେ ବିଫଳ ହୁଏ, ତେବେ ସେହି ବିବାଦକୁ ପଲ୍ଲୀସଭାର ନଜରକୁ ଆଣି ସମାଧାନ କରିବାକୁ ଚେଷ୍ଟା କରାଯିବ। ଯଦି ଏହା ସତ୍ତ୍ୱେ ମଧ୍ୟ  ବିବାଦ ସମାଧାନ ନ ହୁଏ, ତେବେ ତାହା ଉପଖଣ୍ଡ ସ୍ତରୀୟ ଷ୍ଟିୟରିଂ କମିଟିକୁ ସମାଧାନ ପାଇଁ ପଠାଯିବ। ଏହି କମିଟି ଜଙ୍ଗଲ ଅଧିକାର ଆଇନ, ୨୦୦୬ ଅନୁସାରେ ଗଠିତ ଏସଡିଏଲସି ଆଧାରରେ ଗଠିତ ହୋଇଥାଏ। ଏହି ଷ୍ଟିୟରିଂ କମିଟିର ନିଷ୍ପତ୍ତି ଚୂଡାନ୍ତଭାବେ ଗ୍ରହଣ କରାଯିବ।

(୨) ଯଦି ଗାଁ ଗାଁ ଭିତରେ କୌଣସି ବିବାଦ ଦେଖାଦିଏ ତାହା ଉପଖଣ୍ଡ ସ୍ତରୀୟ ଷ୍ଟିୟରିଂ କମିଟିକୁ ପଠାଯିବ ଓ ତାହାର ନିଷ୍ପତ୍ତି ଚୂଡାନ୍ତ ବୋଲି ଗ୍ରହଣ କରାଯିବ।

## ୧୪. ବୁଝାମଣା ପତ୍ର (ଏମ୍.ଓ.ୟୁ.)

(୧) ଭିଏସ୍ଏସ୍/ ଇଡିସି ଓ ବନ ବିଭାଗ ମଧ୍ୟରେ ଉତ୍ତମ ସମ୍ପର୍କ ବଜାୟ ରଖିବା ସହ ଏହାକୁ ସକ୍ରିୟ କରିବା ଓ ଏହାକୁ ଉତ୍ତରଦାୟୀ କରିବା ନିମିତ୍ତ ଦୁଇ ପକ୍ଷର ଦାୟିତ୍ୱ ଓ କର୍ତ୍ତବ୍ୟ ଉଲ୍ଲେଖ କରି ଏକ ବୁଝାମଣା ପତ୍ର ବନ ବିଭାଗ ଓ ଭିଏସ୍ଏସ୍/ ଇଡିସି ମଧ୍ୟରେ ସ୍ୱାକ୍ଷରିତ ହେବ।

(୨) ଭିଏସ୍ଏସ୍‌ର ସଭାପତି ଭିଏସଏସ ପକ୍ଷରୁ ଓ ସମ୍ପୃକ୍ତ ବନାଞ୍ଚଳ ଅଧିକାରୀ ବନ ବିଭାଗ ପକ୍ଷରୁ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିବେ। କାର୍ଯ୍ୟକାରୀ କମିଟିର ଅନ୍ୟ ସଦସ୍ୟମାନେ ବୁଝାମଣା ପତ୍ରରେ ସାକ୍ଷୀଭାବେ ରହି ସେମାନଙ୍କର ସ୍ୱାକ୍ଷର ପ୍ରଦାନ କରିବେ ଓ ସ୍ଥାନୀୟ ବନ ବିଭାଗ ଅଧିକାରୀ ଯଥା ବନପାଳ, ବନରକ୍ଷୀ ମଧ୍ୟ ସାକ୍ଷୀଭାବେ ସ୍ୱାକ୍ଷର ପ୍ରଦାନ କରିବେ।

(୩) ବୁଝାମଣା ପତ୍ର ନିର୍ଦ୍ଧାରିତ ଫର୍ମ (ଫର୍ମ-୫) ଅନୁସାରେ କାର୍ଯ୍ୟକାରୀ କରାଯିବା ଆବଶ୍ୟକ।

## ୧୫. ଷ୍ଟିୟରିଂ କମିଟି

(୧) ଉପଖଣ୍ଡ ସ୍ତରୀୟ, ଜିଲ୍ଲା ସ୍ତରୀୟ ଓ ରାଜ୍ୟ ସ୍ତରୀୟ ଷ୍ଟିୟରିଂ କମିଟି ଗଠନ କରାଯିବାର ବ୍ୟବସ୍ଥା ଅଛି ।

(୨) ସବ୍‌ଡିଭିଜନ ବା ଉପଖଣ୍ଡସ୍ତରରେ ଯେଉଁ ଷ୍ଟିୟରିଂ କମିଟି (ଏସ୍‌ଡିଏଲ୍‌ସି) ଗଠିତ ହେବ, ସେଥିରେ ନିମ୍ନଲିଖିତ ଅଧିକାରୀମାନେ ସଭ୍ୟ ରହିବେ–

| | | |
|---|---|---|
| (କ) | ଉପ ଜିଲ୍ଲାପାଳ | ଅଧ୍ୟକ୍ଷ |
| (ଖ) | ସହକାରୀ ବନ ସଂରକ୍ଷକ | ସଭ୍ୟ- ସଚିବ |
| (ଗ) | ଆଦିବାସୀ କଲ୍ୟାଣ ବିଭାଗର ଜଣେ ଅଧିକାରୀ | ସଭ୍ୟ |

(ଯିଏ ଉପଖଣ୍ଡ ଦାୟିତ୍ୱରେ ଥିବେ)

| | | |
|---|---|---|
| (ଘ) | ଉପଖଣ୍ଡସ୍ତରୀୟ ପୋଲିସ ଅଧିକାରୀ (ଏସ୍‌ଡିପିଓ) | ସଭ୍ୟ |
| (ଙ) | ସମ୍ପୃକ୍ତ ବନାଞ୍ଚଳ ଅଧିକାରୀ | ସଭ୍ୟ |
| (ଚ) | ସମ୍ପୃକ୍ତ ତହସିଲଦାର୍ | ସଭ୍ୟ |
| (ଛ) | ସମ୍ପୃକ୍ତ ପଞ୍ଚାୟତ ସମିତିର ଅଧ୍ୟକ୍ଷ | ସଭ୍ୟ |
| (ଜ) | ଜିଲ୍ଲା ପରିଷଦ ସଭ୍ୟ | ସଭ୍ୟ |
| (ଝ) | ଦୁଇଟି ଭିଏସ୍‌ଏସ୍/ଇଡିସିର ସଭାପତି/ ଉପସଭାପତି (ବନଖଣ୍ଡ ଅଧିକାରୀଙ୍କ ଦ୍ୱାରା ମନୋନୀତ) | ଦୁଇଜଣ ସଭ୍ୟ |

(୩) ଯେଉଁ ଗ୍ରାମ ବିବାଦ ଓ ଗ୍ରାମ-ଗ୍ରାମ ମଧ୍ୟର ବିବାଦ ବିଚାର ପାଇଁ ଆସିବ, ସେଗୁଡ଼ିକର ସମାଧାନ କରିବା ଏସ୍‌ଡିଏଲ୍‌ସିର ଦାୟିତ୍ୱ, ଯାହାଫଳରେ ଭିଏସ୍‌ଏସ୍/ଇଡିସି ସୁରୁଖୁରୁରେ ସେମାନଙ୍କର କର୍ତ୍ତବ୍ୟ ସମ୍ପାଦନ କରିପାରିବେ।

(୪) ଏସ୍‌ଡିଏଲ୍‌ସି ପ୍ରତି ତିନି ମାସରେ ଥରେ ବୈଠକ କରିବା ସହ ଭିଏସ୍‌ଏସ୍/ଇଡିସି କିପରି ସୁରୁଖୁରୁରେ ଚାଲିପାରିବ ସେ ଦିଗରେ ମଧ୍ୟ ସାହାଯ୍ୟ ପ୍ରଦାନ କରିବ।

(୫) ଜଙ୍ଗଲର ସୁରକ୍ଷା, ପରିଚାଳନା, ଜଙ୍ଗଲଭିତ୍ତିକ ଜୀବନ ଜୀବିକା ନିର୍ବାହ ଓ ଗ୍ରାମର ସାମଗ୍ରିକ ବିକାଶ ସାଧନ କରିବା ପାଇଁ ଭିଏସ୍‌ଏସ୍/ଇଡିସିକୁ ପ୍ରୋତ୍ସାହିତ କରିବା ଏସ୍‌ଡିଏଲ୍‌ସିର ଅନ୍ୟ ଏକ କର୍ତ୍ତବ୍ୟ।

(୬) ଜଙ୍ଗଲ ପରିଚାଳନା କ୍ଷେତ୍ରରେ କାମ କରୁଥିବା ବ୍ୟକ୍ତି ବିଶେଷ, ବିଶିଷ୍ଟ ବ୍ୟକ୍ତି, ଲୋକ ପ୍ରତିନିଧି, ସଂସ୍ଥା ଅବା କମିଟି କିମ୍ବା ସେମାନଙ୍କ ପ୍ରତିନିଧିଙ୍କୁ ଏସ୍‌ଡିଏଲ୍‌ସି ଆବଶ୍ୟକ ଅନୁସାରେ ନିଜ ବୈଠକକୁ ନିମନ୍ତ୍ରଣ କରିପାରିବ।

(୭) **ଜିଲ୍ଲାସ୍ତରୀୟ ଷ୍ଟିୟରିଂ କମିଟି (ଡିଏଲ୍‌ଏସ୍‌ସି):**

ଏହି କମିଟି ନିମ୍ନଲିଖିତ ସଦସ୍ୟଙ୍କୁ ନେଇ ଗଠିତ ହେବ-

| | | |
|---|---|---|
| (କ) | ଜିଲ୍ଲାପାଳ | ଅଧ୍ୟକ୍ଷ |
| (ଖ) | ବନଖଣ୍ଡ ଅଧିକାରୀ | ସଭ୍ୟ |

(ଜିଲ୍ଲାରେ ଥିବା ଅନ୍ୟାନ୍ୟ ଆଞ୍ଚଳିକ ବନଖଣ୍ଡ କିମ୍ବା ବନ୍ୟପ୍ରାଣୀ ବନଖଣ୍ଡ)

| | | |
|---|---|---|
| (ଗ) | ଏଡିଏମ୍(ଅତିରିକ୍ତ ଜିଲ୍ଲାପାଳ), ଯିଏ ଜମିଜମା ବ୍ୟାପାର ବୁଝୁଥିବେ | ସଭ୍ୟ |
| (ଘ) | କୃଷି ଉପ ନିର୍ଦ୍ଦେଶକ | ସଭ୍ୟ |
| (ଙ) | ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସକ | ସଭ୍ୟ |
| (ଚ) | ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା | ସଭ୍ୟ |
| (ଛ) | ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା | ସଭ୍ୟ |
| (ଜ) | ଜିଲ୍ଲା ମଙ୍ଗଳ ଅଧିକାରୀ | ସଭ୍ୟ |
| (ଝ) | ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ | ସଭ୍ୟ |
| (ଞ) | ମୃତ୍ତିକା ସଂରକ୍ଷଣ ଅଧିକାରୀ | ସଭ୍ୟ |
| (ଟ) | ୫ଟି ଭିଏସ୍ଏସ୍/ଇଡିସିର ସଭାପତି/ ଉପସଭାପତି (ବନଖଣ୍ଡ ଅଧିକାରୀଙ୍କ ଦ୍ୱାରା ମନୋନୀତ ହେବେ) | ୫ଜଣ ସଭ୍ୟ (ଅତିକମ୍‌ରେ ଦୁଇଜଣ ମହିଳା) |

(୮) ଜିଲ୍ଲାର ମୁଖ୍ୟ କାର୍ଯ୍ୟାଳୟ ଯେଉଁ ଆଞ୍ଚଳିକ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟକ୍ଷେତ୍ର ମଧ୍ୟରେ ଆସୁଥିବ, ସେହି ବନଖଣ୍ଡ ଅଧିକାରୀ ଡିଏଲ୍ଏସ୍‌ସିର ସଭ୍ୟ- ସଚିବ ଭାବେ କାର୍ଯ୍ୟ କରିବେ।

(୯) ବେସରକାରୀ ସଭ୍ୟଙ୍କ କାର୍ଯ୍ୟକାଳ ତିନି ବର୍ଷ ରହିବ।

(୧୦) ଜଙ୍ଗଲ ସମ୍ବନ୍ଧୀୟ ଓ ସେହି କ୍ଷେତ୍ରରେ କାମ କରୁଥିବା ବିଶ୍ୱାସଯୋଗ୍ୟ ବେସରକାରୀ ଅନୁଷ୍ଠାନ କିମ୍ବା ବିଶେଷଜ୍ଞଙ୍କୁ ସେମାନଙ୍କ ଦକ୍ଷତା ଓ ଅଭିଜ୍ଞତାକୁ ଭିତ୍ତୀକରି ଡିଏଲ୍ଏସ୍‌ସିରେ ସଭ୍ୟଭାବେ ଗ୍ରହଣ କରାଯାଇପାରିବ।

(୧୧) ଡିଏଲ୍ଏସ୍‌ସି ପ୍ରତି ଛଅ ମାସରେ ଥରେ ବୈଠକ ଡକାଇବେ ଓ ଭିଏସ୍ଏସ୍/ଇଡିସିର ପରିଚାଳନା ପାଇଁ ଆବଶ୍ୟକ ସହଯୋଗ ଯୋଗାଇଦେବା ସହ ସେମାନଙ୍କ ପାଇଁ ବିଭିନ୍ନ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିବେ।

(୧୨) ଜଙ୍ଗଲର ସୁରକ୍ଷା, ଜଙ୍ଗଲ ପରିଚାଳନା, ଜଙ୍ଗଲଭିତ୍ତିକ ଜୀବନ ଜୀବିକା ନିର୍ବାହ ମାଧ୍ୟମରେ ଗ୍ରାମରେ ସାମଗ୍ରିକ ବିକାଶ ହେଉଛି କି ନାହିଁ ତାହା ଲକ୍ଷ୍ୟ କରିବା ଡିଏଲ୍ଏସ୍‌ସିର କର୍ତ୍ତବ୍ୟ।

**(୧୩) ରାଜ୍ୟସ୍ତରୀୟ ଷ୍ଟିୟରିଂ କମିଟି (ଏସ୍‌ଏଲ୍‌ଏସ୍‌ସି):**

ରାଜ୍ୟସ୍ତରୀୟ ଷ୍ଟିୟରିଂ କମିଟି ନିମ୍ନ ପ୍ରକାରେ ଗଠିତ ହେବ;

| | | |
|---|---|---|
| ୧. | ମାନ୍ୟବର ମନ୍ତ୍ରୀ (ଜଙ୍ଗଲ ବିଭାଗ) | ଅଧ୍ୟକ୍ଷ |
| ୨. | ମୁଖ୍ୟ ଶାସନ ସଚିବ | ଉପାଧ୍ୟକ୍ଷ |
| ୩. | ପ୍ରମୁଖ ଶାସନ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ | ସଭ୍ୟ |
| ୪. | ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ଓଡ଼ିଶା | ସଭ୍ୟ |
| ୫. | ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ବନ୍ୟପ୍ରାଣୀ | ସଭ୍ୟ |
| ୬. | ଦୁଇଜଣ ବନଖଣ୍ଡ ଅଧିକାରୀ/ ଜଣେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆବର୍ତ୍ତନଭିତ୍ତିରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ଓଡ଼ିଶାଙ୍କ ଦ୍ୱାରା ମନୋନୀତ ) | ସଭ୍ୟ |
| ୭. | ଶାସନ ସଚିବ, ରାଜସ୍ୱ ବିଭାଗ | ସଭ୍ୟ |
| ୮. | ଶାସନ ସଚିବ, ଗ୍ରାମ୍ୟ ଉନ୍ନୟନ ବିଭାଗ | ସଭ୍ୟ |
| ୯. | ଶାସନ ସଚିବ, ଗୃହ ବିଭାଗ | ସଭ୍ୟ |
| ୧୦. | ଶାସନ ସଚିବ, ପଞ୍ଚାୟତିରାଜ ବିଭାଗ | ସଭ୍ୟ |
| ୧୧. | ଶାସନ ସଚିବ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିଭାଗ | ସଭ୍ୟ |
| ୧୨. | କେନ୍ଦ୍ର ସରକାରଙ୍କର (କେନ୍ଦ୍ରୀୟ) ମୂଖ୍ୟ ବନ ସଂରକ୍ଷକ | ସଭ୍ୟ |
| ୧୩. | ନିର୍ଦ୍ଦେଶକ, ଓଡ଼ିଶା ଜଳ ବିଭାଜିକା ବିକାଶ ମିଶନ | ସଭ୍ୟ |
| ୧୪. | ନାଗରିକମାନଙ୍କ ମଧ୍ୟରୁ ବା ବିଶେଷଜ୍ଞଙ୍କ ମଧ୍ୟରୁ ଜଙ୍ଗଲ ଓ ପରିବେଶ ବିଭାଗ ଦ୍ୱାରା ମନୋନୀତ ଦୁଇଜଣ ପ୍ରତିନିଧି | ସଭ୍ୟ |
| ୧୫. | ସ୍ୱତନ୍ତ୍ର ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ | ସଭ୍ୟ |
| ୧୬. | ଦୁଇଟି ଭିଏସ୍‌ଏସ୍/ଇଡିସିର ସଭାପତି (ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ଓଡ଼ିଶାଙ୍କ ଦ୍ୱାରା ମନୋନୀତ ହେବେ) | ସଭ୍ୟ |

୧୭. ମୁଖ୍ୟ ବନ ସଂରକ୍ଷକ, ଯୋଜନା, କାର୍ଯ୍ୟକ୍ରମ, ବନୀକରଣ
(ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ଓଡ଼ିଶାଙ୍କ କାର୍ଯ୍ୟାଳୟ) ସଭ୍ୟ ସଚିବ

(୧୪)ରାଜ୍ୟସ୍ତରୀୟ ଷ୍ଟିୟରିଂ କମିଟିର ବେସରକାରୀ ସଭ୍ୟଙ୍କ କାର୍ଯ୍ୟକାଳ ତିନିବର୍ଷ ରହିବ।

(୧୫)ଯୁଗ୍ମ ବନ ପରିଚାଳନା ମାଧ୍ୟମରେ ଭବିଷ୍ୟତ କର୍ମପନ୍ଥା ସ୍ଥିର କରିବା ପାଇଁ ଏହି କମିଟି ବର୍ଷକୁ ଅନ୍ତତଃ ପକ୍ଷେ ଥରେ ବୈଠକ ଭାବିବେ।

(୧୬)ଯଦି ଯୁଗ୍ମ ବନ ପରିଚାଳନା ନିୟମର କୌଣସି ପରିବର୍ତ୍ତନ ଆବଶ୍ୟକ ଅନୁଭୁତ ହୁଏ, ତେବେ ତାହା ରାଜ୍ୟସ୍ତରୀୟ ଷ୍ଟିୟରିଂ କମିଟିର ଅନୁମୋଦନ ପାଇଁ ଉପସ୍ଥାପନ କରାଯିବ ଓ ଅନୁମୋଦନ ପରେ ତାହା ରାଜ୍ୟ ସରକାରଙ୍କୁ ସୁପାରିଶ କରାଯିବ।

## ୧୬. ପୂର୍ବ ଯୁଗ୍ମ ବନ ପରିଚାଳନା ସଂକଳ୍ପର ସମାପ୍ତି ଘୋଷଣା:

ଜଙ୍ଗଲ ଓ ପରିବେଶ ବିଭାଗର ପୂର୍ବ ନିୟମ ନଂ ୧୭୪୫୪-୧ଏଫ୍ - ଏଏଫ୍‌ଏଫ୍‌ଏନ. ୧୭/୨୦୦୮/ଏଫ୍‌ଆଣ୍ଡ୍ ଇ ତା୨୨ ଅକ୍ଟୋବର ୨୦୦୮କୁ ଏହି ନୂଆ ସଂକଳ୍ପ ବଳରେ ଅଚଳ ଘୋଷଣା କରାଯାଉଛି ଏବଂ ଏହି ନୂଆ ସଂକଳ୍ପ କାର୍ଯ୍ୟକାରୀ ହେବ। ତେବେ ଜଙ୍ଗଲ ଓ ପରିବେଶ ବିଭାଗର ପୂର୍ବ ସଂକଳ୍ପ (୨୦୦୮) ଅନୁସାରେ ପୂର୍ବରୁ ଗଠିତ ହୋଇଥିବା ସମସ୍ତ ଭିଏସ୍‌ଏସ୍‌କୁ ଏହି ସଂକଳ୍ପ ଅନୁସାରେ ମଧ୍ୟ ଭିଏସ୍‌ଏସ୍ ଭାବରେ ଗଣ୍ୟ ଗଣାଯିବ।

## ଭିଏସ୍‌ଏସ୍/ଇଡିସିର ଆୟ ବ୍ୟୟ ଓ ହିସାବକିତାବର ପଦ୍ଧତି:

(୧) ଭିଏସ୍‌ଏସ୍/ଇଡିସିର ଆୟ ବ୍ୟୟର ହିସାବ ରଖିବା ତଥା ସରକାରୀ ସୂତ୍ରରୁ, ଅନ୍ୟ ସଂସ୍ଥାରୁ ମିଳୁଥିବା ଅନୁଦାନ ଗ୍ରାମବାସୀଙ୍କଠାରୁ ଆଦାୟ ହେଉଥିବା ଦେୟ ଏବଂ ଅନ୍ୟ ଅର୍ଥର ପରିଚାଳନା କାର୍ଯ୍ୟକାରୀ କମିଟିର ଦାୟିତ୍ୱ। ଏଥିପାଇଁ ରିଜର୍ଭ ବ୍ୟାଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଯେ କୌଣସି ବ୍ୟାବସାୟିକ, ଗ୍ରାମ୍ୟ ତଥା କୋଅପରେଟିଭ୍ ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସରେ ଭିଏସ୍‌ଏସ୍/ଇଡିସିର ଏକ ମିଳିତ ଜମାଖାତା ଖୋଲାଯିବ, ଯାହା ଭିଏସ୍‌ଏସ୍/ଇଡିସି ଆକାଉଣ୍ଟଭାବେ କାର୍ଯ୍ୟ କରିବ। ଏହି ଆକାଉଣ୍ଟ ମିଳିତଭାବେ ଭିଏସଏସ/ଇଡିସିର ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କ ଦ୍ୱାରା ପରିଚାଳିତ ହେବ। ଆକାଉଣ୍ଟ କିପରିଭାବେ ଖୋଲାଯିବ ତାହାର ଏକ ନମୂନା ନିମ୍ନରେ ଦିଆଗଲା: "(ଗ୍ରାମର ନାମ ) ଭିଏସ୍‌ଏସ୍/ଇଡିସି ଆକାଉଣ୍ଟ"। ଭିଏସ୍‌ଏସ୍/ଇଡିସିକୁ ଟଙ୍କା ଓ ଚେକ୍ ଆକାରରେ ମିଳୁଥିବା ସମସ୍ତ ଅର୍ଥ ଏହି ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯିବ।

(୨) ଭିଏସ୍ଏସ୍/ଇଡିସି ଜମାଖାତାରୁ କୌଣସି ଅର୍ଥ ଉଠାଣ କରାଯିବା ପୂର୍ବରୁ କାର୍ଯ୍ୟକାରୀ କମିଟିରେ ତାହାର ଏକ ପ୍ରସ୍ତାବ ଗୃହୀତ ହେବା ବିଧେୟ ।

(୩) ଭିଏସ୍ଏସ୍/ଇଡିସି ଜମାଖାତାରେ ଜମା ହେଉଥିବା ଅର୍ଥରେ ଜଙ୍ଗଲ ସଂରକ୍ଷଣ, ପରିଚାଳନା ଓ ତାର ବିକାଶ, ଗ୍ରାମର ବିକାଶ କିମ୍ବା ସେହିପ୍ରକାର ଅନ୍ୟ ସମସ୍ତ କାର୍ଯ୍ୟକ୍ରମ ଅନୁମୋଦିତ ଅଣୁ ଯୋଜନା ଅନୁସାରେ ଖର୍ଚ୍ଚ କରାଯିବ ।

(୪) ଯଦି ଭିଏସ୍ଏସ୍ ଜମାଖାତା/ଇଡିସି ଜମାଖାତାରୁ ଅନ୍ୟ କୌଣସି ଉଦ୍ଦେଶ୍ୟରେ ଅର୍ଥ ଖର୍ଚ୍ଚ କରାଯିବାର ଆବଶ୍ୟକତା ଅନୁଭୁତ ହୁଏ, ତାହା ଭିଏସ୍ଏସ୍/ଇଡିସିର ସାଧାରଣ ପରିଷଦର ଅନୁମୋଦନ ପରେ ଯାଇ କରିବାକୁ ପଡିବ ।

(୫) ଯଦି ଭିଏସ୍ଏସ୍/ଇଡିସିରେ କୌଣସି ଆର୍ଥୀକ ଅନିୟମିତତା ବିଷୟ ଜଣାପଡେ, ତେବେ ସାଧାରଣ ପରିଷଦ ଏ ବିଷୟରେ ଏକ ପ୍ରସ୍ତାବ ମଞ୍ଜୁର କରି ଭିଏସ୍ଏସ୍/ଇଡିସି ଜମାଖାତାକୁ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଅଚଳ କରାଇବା ସହ ସମ୍ପୃକ୍ତ ପ୍ରସଙ୍ଗକୁ ପଲ୍ଲୀସଭାର ଅବଗତ ପାଇଁ ପ୍ରେରଣ କରିବ । ପଲ୍ଲୀସଭା ଘଟଣାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ।

(୬) ଭିଏସ୍ଏସ୍/ଇଡିସିର ମାସିକ ଆୟ ବ୍ୟୟର ହିସାବ ଓ କ୍ୟାସବୁକ୍ର ସୁପରିଚାଳନାର ଦାୟିତ୍ୱ ସମ୍ପୂର୍ଣ୍ଣଭାବେ ସମ୍ପାଦକଙ୍କ ଉପରେ ନ୍ୟସ୍ତ କରାଯାଇଛି । ଉଚିତ୍ ଉପାୟରେ ଆୟ ବ୍ୟୟର ହିସାବ ରଖିବା ପାଇଁ ଯେତେବେଳେ ଆବଶ୍ୟକ ପଡେ, ସ୍ଥାନୀୟ ବନ ବିଭାଗ ଅଧିକାରୀ କାର୍ଯ୍ୟକାରୀ କମିଟିକୁ ସେମାନଙ୍କର ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରିପାରିବେ ।

(୭) ଅର୍ଥ ଖର୍ଚ୍ଚ କରିବା ପାଇଁ ତଥା ଅର୍ଥର ଆବଶ୍ୟକତା ପାଇଁ କାର୍ଯ୍ୟକାରୀ କମିଟି ଏକ ତ୍ରୈମାସିକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବ । ସେହି ଅନୁସାରେ ଭିଏସ୍ଏସ୍/ଇଡିସି ଜମାଖାତାରୁ ଅର୍ଥ ଉଠାଣ ହେବ ।

(୮) ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କ ମିଳିତ ଦସ୍ତଖତ ଥିବା ସମସ୍ତ ରସିଦ୍ କାର୍ଯ୍ୟକାରୀ କମିଟି ଦ୍ୱାରା ପାସ୍ କରାଯିବ ଓ ତାହାକୁ ଭିଏସ୍ଏସ୍/ଇଡିସି ସ୍ତରରେ ଭବିଷ୍ୟତ ଯାଞ୍ଚ ପାଇଁ ରଖାଯିବ । ସମ୍ପାଦକ ମାସିକ ଆୟ ବ୍ୟୟର ହିସାବ ପ୍ରସ୍ତୁତ କରିବେ ଓ ଖର୍ଚ୍ଚକୁ ନେଇ ପରବର୍ତ୍ତୀ ମାସ ୧୦ ତାରିଖ ସୁଦ୍ଧା ଏକ ସଂକ୍ଷିପ୍ତ ବିବରଣୀ ପ୍ରସ୍ତୁତ କରିବେ, ଯାହା କାର୍ଯ୍ୟକାରୀ କମିଟିରେ ଉପସ୍ଥାପିତ ହୋଇ ଅନୁମୋଦିତ ହେବ ।

(୯) ବାର୍ଷିକ ଖର୍ଚ୍ଚ ଓ ତାର ପ୍ରାପ୍ତୀ ସ୍ୱୀକାର କାଗଜଗୁଡ଼ିକୁ ଜଣେ ହିସାବ ସମୀକ୍ଷକ ତନଖି (ଅଡିଟ୍) କରିବେ ଏବଂ ଅଡିଟରଙ୍କୁ ଭିଏସ୍ଏସ୍/ଇଡିସି ସାଧାରଣ ପରିଷଦ ନିଯୁକ୍ତ କରିବ । ଭିଏସ୍ଏସ୍/ଇଡିସିର ବାର୍ଷିକ

ଆୟବ୍ୟୟ ବିବରଣୀ ଅନୁମୋଦନ ପାଇଁ ସାଧାରଣ ପରିଷଦରେ ଉପସ୍ଥାପନ କରାଯିବ। ଯେତେବେଳେ ସରକାରୀ ପ୍ରାପ୍ତ ଅର୍ଥ ଖର୍ଚ୍ଚ ହୋଇସାରିଥିବ ଓ ତାହାର ତନଖି ଶେଷ ହୋଇଥିବ, ସେହି ଅନୁମୋଦିତ ଅଡିଟ୍ ରିପୋର୍ଟ ଓ ସଂକ୍ଷିପ୍ତ ଆୟ ବ୍ୟୟ ବିବରଣୀକୁ କାର୍ଯ୍ୟକାରୀ କମିଟି ଦ୍ୱାରା ସମ୍ପୃକ୍ତ ବନାଞ୍ଚଳ ଅଧିକାରୀ ଓ ବନଖଣ୍ଡ ଅଧିକାରୀଙ୍କୁ ରେକର୍ଡ ପାଇଁ ପଠାଯିବ।

(୧୦) ସରକାରୀ କିମ୍ବା ଅନ୍ୟ କୌଣସି ସଂସ୍ଥାରୁ ପ୍ରାପ୍ତ ଅର୍ଥର ଖର୍ଚ୍ଚ ପ୍ରମାଣପତ୍ର କୋଷାଧ୍ୟକ୍ଷଙ୍କ ଦ୍ୱାରା ପ୍ରସ୍ତୁତ କରାଯିବ ଓ ସଭାପତି ଓ ସମ୍ପାଦକଙ୍କ ଦ୍ୱାରା ମିଳିତଭାବେ ସ୍ୱାକ୍ଷର ହେବା ପରେ ଯାଇ ସମ୍ପୃକ୍ତ ଅଧିକାରୀମାନଙ୍କ ପାଖରେ ଦାଖଲ କରାଯିବ।

**ଫର୍ମ-୧**

**ସଂକଳ୍ପ**

ଆମ୍ଭେ ନିମ୍ନଲିଖିତ ଗ୍ରାମର ଗ୍ରାମବାସୀମାନେ ଓଡ଼ିଶା ଯୁଗ୍ମ ବନ ପରିଚାଳନା ସଂକଳ୍ପ, ୨୦୧୧ର ପାରା ୩ ଅନୁସାରେ ଏକ ପ୍ରସ୍ତାବ ଗ୍ରହଣ କରୁଛୁ ଯେ, ଆମେ ଏକ ବନ ସୁରକ୍ଷା ସମିତି (ଭିଏସ୍ଏସ୍)/ ପରିବେଶ ବିକାଶ କମିଟି (ଇଡିସି) ଗଠନ କରି କିମ୍ବା ପୁନର୍ଗଠନ କରି ......................ଜଙ୍ଗଲର କିଛି ଅଂଶ କିମ୍ବା ସମ୍ପୂର୍ଣ୍ଣ ଜଙ୍ଗଲର ସୁରକ୍ଷା ଓ ପରିଚାଳନା କରିବୁ। ଅଞ୍ଚଳର ସମ୍ପୂର୍ଣ୍ଣ ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା:-

୧. କମିଟିର ନାମ

୨. ଗ୍ରାମର ନାମ

୩. ଗ୍ରାମ ପଞ୍ଚାୟତର ନାମ

୪. ବ୍ଲକ୍‌ର ନାମ

୫. ଥାନାର ନାମ

୬. ବିଟ୍‌ର ନାମ

୭. ସେକ୍ସନର ନାମ

୮. ବନାଞ୍ଚଳ (ରେଞ୍ଜ)ର ନାମ

୯. ମୋଟ ସଭ୍ୟ ସଂଖ୍ୟା (ସଭ୍ୟଙ୍କ ନାମ ତାଲିକା ସଂଲଗ୍ନ କରାଯିବ):

(୧) ଅନୁସୂଚିତ ଜାତିର ସଭ୍ୟ ସଂଖ୍ୟା

(୨) ଅନୁସୂଚିତ ଜନ ଜାତିର ସଭ୍ୟ ସଂଖ୍ୟା

(୩) ମହିଳା ସଭ୍ୟଙ୍କ ସଂଖ୍ୟା

୧୦. ସୁରକ୍ଷା ଓ ପରିଚାଳନା କରାଯିବାକୁ ପ୍ରଦତ୍ତ ଜଙ୍ଗଲର ପରିମାଣ ........... ହେକ୍ଟର

୧୧. ଜଙ୍ଗଲ ବ୍ଲକ୍ (ଫରେଷ୍ଟ ବ୍ଲକ) ର ନାମ

୧୨. କମ୍ପାର୍ଟମେଣ୍ଟର ନାମ

| **ଗ୍ରାମବାସୀଙ୍କ ନାମ** | **ସ୍ୱାକ୍ଷର** |
|---|---|
| ୧. | |
| ୨. | |
| ୩. | |
| ୪. | |
| ୫. | |
| ୬. | |
| ୭. | |
| ୮. | |
| ୯. | |
| ୧୦. | |

## ଫର୍ମ-୨

**ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ,..................... ବନାଞ୍ଚଳ**

**ଚିଠି ସଂଖ୍ୟା............................ ତା...................ରିଖ**

**ଭିଏସ୍ଏସ୍/ଇଡିସି ଗଠନ**

ଆମେ ନିମ୍ନଲିଖିତ............... ଗ୍ରାମ (ସମୂହ)ର ଗ୍ରାମବାସୀମାନେ ଓଡ଼ିଶା ଯୁଗ୍ମ ବନ ପରିଚାଳନା ସଂକଳ୍ପ, ୨୦୧୧ର ପାରା ୩ ଅନୁସାରେ ପ୍ରସ୍ତାବ ଗ୍ରହଣ କରୁଛୁ ଯେ, ଆମେ ଏକ ବନ ସୁରକ୍ଷା ସମିତି (ଭିଏସ୍ଏସ୍)/ ପରିବେଶ ବିକାଶ କମିଟି (ଇଡିସି) ଗଠନ କରି କିମ୍ବା ପୁନର୍ଗଠନ କରି .......................ଜଙ୍ଗଲର କିଛି ଅଂଶ କିମ୍ବା ସମ୍ପୂର୍ଣ୍ଣ ଜଙ୍ଗଲର ସୁରକ୍ଷା ଓ ପରିଚାଳନା କରିବୁ। ଅଞ୍ଚଳର ସମ୍ପୂର୍ଣ୍ଣ ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା:-

୧. କମିଟିର ନାମ

୨. ଗ୍ରାମର ନାମ

୩. ଗ୍ରାମ ପଞ୍ଚାୟତର ନାମ

୪. ବ୍ଲକ୍‌ର ନାମ

୫. ଥାନାର ନାମ

୬. ବିଟ୍‌ର ନାମ

୭. ସେକ୍ସନର ନାମ

୮. ବନାଞ୍ଚଳ (ରେଞ୍ଜ)ର ନାମ

୯. ମୋଟ ସଭ୍ୟ (ସଭ୍ୟଙ୍କ ନାମ ତାଲିକା ସଂଲଗ୍ନ କରାଯିବ):

(୧) ଅନୁସୂଚିତ ଜାତି ସଭ୍ୟଙ୍କ ସଂଖ୍ୟା

(୨) ଅନୁସୂଚିତ ଜନଜାତି ସଭ୍ୟଙ୍କ ସଂଖ୍ୟା

(୩) ମହିଳା ସଭ୍ୟଙ୍କ ସଂଖ୍ୟା

୧୦. ସୁରକ୍ଷା ଓ ପରିଚାଳନା କରାଯିବାକୁ ପ୍ରଦତ୍ତ ଜଙ୍ଗଲର ପରିମାଣ..........ହେକ୍ଟର

୧୧. ସଂରକ୍ଷିତ ଜଙ୍ଗଲ (ଫରେଷ୍ଟ ବ୍ଲକ୍)ର ନାମ...........................

୧୨. କମ୍ପାର୍ଟମେଣ୍ଟର ନାମ...............................

ଓଡ଼ିଶା ଯୁଗ୍ମ ବନ ପରିଚାଳନା ସଂକଳ୍ପ, ୨୦୧୧ର ପାରା ୯ ଅନୁସାରେ ............... ଗ୍ରାମ (ସମୂହ)ର ପଲ୍ଲିସଭାର ଏକ ପ୍ରସ୍ତାବ ବନ ସୁରକ୍ଷା ସମିତି (ଭିଏସ୍ଏସ୍)/ ପରିବେଶ ବିକାଶ କମିଟି (ଇଡିସି) ଗଠନ କରିବା ପାଇଁ ପଞ୍ଜୀକରଣ ଉଦ୍ଦେଶ୍ୟରେ ପ୍ରେରଣ କରାଗଲା।

ବନାଞ୍ଚଳ ଅଧିକାରୀଙ୍କ ସ୍ୱାକ୍ଷର

**ଫର୍ମ-୩**

**ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ..................... ବନଖଣ୍ଡ**

**କାର୍ଯ୍ୟାଳୟ ନିର୍ଦ୍ଦେଶନାମା ସଂଖ୍ୟା.................. ତା...................ରିଖ**

**ଭିଏସ୍ଏସ୍/ଇଡିସି ଗଠନ**

ଓଡ଼ିଶା ଯୁଗ୍ମ ବନ ପରିଚାଳନା ସଂକଳ୍ପ, ୨୦୧୧ର ପାରା ୯ର ବିଧି ବ୍ୟବସ୍ଥା ଅନୁସାରେ ଏହି .......................ବନ ସୁରକ୍ଷା ସମିତି (ଭିଏସ୍ଏସ୍)/ ପରିବେଶ ବିକାଶ କମିଟି (ଇଡିସି) ଏଥିସହ ଏହି କାର୍ଯ୍ୟାଳୟର ପଞ୍ଜୀକରଣ ସଂଖ୍ୟା.........ରେ ପଞ୍ଜୀକୃତ ହେଲା।

ଜଗୁଥିବା ଜଙ୍ଗଲର ନାମ

ଜଗୁଥିବା ଜଙ୍ଗଲ ଅଞ୍ଚଳର ପରିମାଣ ........ ହେକ୍ଟର

ଜଙ୍ଗଲ ଅଞ୍ଚଳର ଚଉହଦି ବର୍ଣ୍ଣନା

ବନଖଣ୍ଡ ଅଧିକାରୀ

.................. ବନଖଣ୍ଡ

**ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ..................... ବନଖଣ୍ଡ**

**କାର୍ଯ୍ୟାଳୟ ନିର୍ଦ୍ଦେଶନାମା ସଂଖ୍ୟା.................. ତା...................ରିଖ**

ଏହାର ଏକକିତା ନକଲ ବନାଞ୍ଚଳ ଅଧିକାରୀ.................. ବନାଞ୍ଚଳ ଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରିତ କରାଗଲା। ଉପର ବର୍ଣ୍ଣିତ ତାଲିକାଭୁକ୍ତ ଅଞ୍ଚଳକୁ ଟପୋ ସିଟ୍(୧:୫୦୦୦୦ ସ୍କେଲରେ)ରେ ଚିହ୍ନିତ କରିବାକୁ ନିର୍ଦ୍ଦେଶ ଦିଆଗଲା। ଏହି ମ୍ୟାପର ଏକ ନକଲ ଭିଏସ୍ଏସ୍/ଇଡିସିରେ ତଥା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ହେବା ଆବଶ୍ୟକ। ଏହାର ଅନ୍ୟ ଏକ ନକଲ ଏହି ଅଫିସ୍‌ରେ ରଖିବା ପାଇଁ ଦାଖଲ କରାଯିବ।

ଏହି ଚିଠିର ଏକ ନକଲ .................. ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣ କରାଗଲା।

ବନଖଣ୍ଡ ଅଧିକାରୀ,

.................. ବନଖଣ୍ଡ

**ଫର୍ମ-୪**

**ଓଡ଼ିଶା ଯୁଗ୍ମ ବନ ପରିଚାଳନା ସଂକଳ୍ପ-୨୦୧୧ ଅନୁସାରେ ଅନୁମତିପତ୍ର**

ସୁରକ୍ଷା ଦେଉଥିବା ଜଙ୍ଗଲର ନାମ......................................

ମିଳୁଥିବା ଜଙ୍ଗଲଜାତ ଦ୍ରବ୍ୟର ବିବରଣୀ                                        ପରିମାଣ

ଜଙ୍ଗଲଜାତ ଦ୍ରବ୍ୟ କେଉଁ ଜଙ୍ଗଲରୁ ସଂଗ୍ରହ କରାଯାଇଛି.............................

ଭିଏସ୍ଏସ୍/ଇଡିସି ସଭ୍ୟଙ୍କ ନାମ.....................

ଅନୁମତି ତାରିଖ                                        ଜଙ୍ଗଲ ଜାତ ଦ୍ରବ୍ୟର ଗନ୍ତବ୍ୟ ସ୍ଥଳ

ଏହା କେବେ ଯାଏଁ ବୈଧ ରହିବ

ସଭାପତିଙ୍କ ସ୍ୱାକ୍ଷର

............ ଭିଏସ୍ଏସ୍/ଇଡିସି

ସମ୍ପାଦକଙ୍କ ସ୍ୱାକ୍ଷର

............ ଭିଏସ୍ଏସ୍/ଇଡିସି

## ଫର୍ମ-୫

## ବୁଝାମଣା ପତ୍ର

୧. ଆମ୍ଭେ .................... ବନ ସୁରକ୍ଷା ସମିତି / ପରିବେଶ ବିକାଶ କମିଟି କାର୍ଯ୍ୟକାରୀ କମିଟିର ସଭ୍ୟମାନେ ଓ ............................ବନଖଣ୍ଡର ଅନ୍ତର୍ଭୁକ୍ତ .......................... ବନାଞ୍ଚଳର ଅଧିକାରୀମାନେ ନିମ୍ନଲିଖିତ ଜଙ୍ଗଲ ଅଞ୍ଚଳର ସୁରକ୍ଷା ଓ ପରିଚାଳନା ପାଇଁ ଓଡ଼ିଶା ଯୁଗ୍ମ ବନ ପରିଚାଳନା ସଂକଳ୍ପ, ୨୦୧୧ରେ ବର୍ଣ୍ଣିତ ଦାୟିତ୍ୱ ନିର୍ବାହ ସମେତ ଉତ୍ତରଦାୟୀ ରହିବା ପାଇଁଏହି ବୁଝାମଣାପତ୍ରଭିତ୍ତିରେ ସ୍ୱାକ୍ଷର କରିଛୁ।

୧. ଭିଏସ୍‌ଏସ୍/ଇଡିସିର ନାମ

୨. ପଞ୍ଜୀକରଣ ସଂଖ୍ୟା

୩. ଜିଲ୍ଲା........................

୪. ବନଖଣ୍ଡ.....................

୫. ବନାଞ୍ଚଳର ନାମ :

୬. ବନ ସେକ୍ସନର ନାମ :

୭. ବନ ବିଟ୍‌ର ନାମ

୮. ପୋଲିସ ଥାନାର ନାମ

୯. ଗ୍ରାମର ନାମ:

୧୦. ସୁରକ୍ଷା ପାଇଁ ନିର୍ଦ୍ଧାରିତ ଜଙ୍ଗଲ ବ୍ଲକ୍ (ଫରେଷ୍ଟ ବ୍ଲକ୍)ର ନାମ

୧୧. କେଉଁ ପ୍ରକାର ଜଙ୍ଗଲର ସୁରକ୍ଷା କରୁଛନ୍ତି

୧୨. ସୁରକ୍ଷା ଦେଉଥିବା ଜଙ୍ଗଲର ପରିମାଣ .....(ହେକ୍ଟର)

୧୩. ଉକ୍ତ ବନ ଅଞ୍ଚଳର ଚଉହଦୀ ବର୍ଣ୍ଣନା :

| | |
|---|---|
| ଉତ୍ତର | ପୂର୍ବ |
| ଦକ୍ଷିଣ | ପଶ୍ଚିମ |

୨. ଏହାଦ୍ୱାରା ଆମ୍ଭେ ଯୁଗ୍ମ ବନ ପରିଚାଳନା ସଂକଳ୍ପ, ୨୦୧୧ର ବିଧିକୁ ମାନିବା ପାଇଁ ରାଜି ହେଉଛୁ।

୩. ଆମ୍ଭେ ସ୍ଥାନୀୟ ଆଇନ ଅନୁସାରେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରୁଛୁ।

୪. ଉପରବର୍ଣ୍ଣିତ ପ୍ରସ୍ତାବକୁ ଆମ୍ଭେ ପଢି ଓ ବୁଝି ପ୍ରତି ପୃଷ୍ଠାରେ ଆମ୍ଭର ସ୍ୱାକ୍ଷର ପ୍ରଦାନ କରିଛୁ।

ଉକ୍ତ ରାଜିନାମାର ଏହି ବୁଝାମଣା ପତ୍ର ଆଜି ତା. .......... ରିଖଠାରୁ କାର୍ଯ୍ୟକାରୀ ହେଲା।

| | |
|---|---|
| ସଭାପତିଙ୍କ ସ୍ୱାକ୍ଷର | ବନାଞ୍ଚଳ ଅଧିକାରୀଙ୍କ ସ୍ୱାକ୍ଷର |
| ................. ଭିଏସ୍‌ଏସ୍/ଇଡିସି | ବନାଞ୍ଚଳ: |
| | ବନଖଣ୍ଡ: |
| ସାକ୍ଷୀ | ସାକ୍ଷୀ: |
| ୧. | ୧. |
| ୨. | ୨. |
| ୩. | ୩. |

# ଓଡ଼ିଶା ସରକାର
# ଜଙ୍ଗଲ ଓ ପରିବେଶ ବିଭାଗ
## ସଂକଳ୍ପ
### ୧ ଜୁନ, ୨୦୧୫
### ପ୍ରସଙ୍ଗ: ଯୁଗ୍ମ ବନ ପରିଚାଳନା ସଂକଳ୍ପ, ୨୦୧୧ର ସଂଶୋଧନ

ଏହି ବିଭାଗ ଦ୍ୱାରା ୯ ସେପ୍ଟେମ୍ବର ୨୦୧୧ରେ ଜାରି ହୋଇଥିବା ସଂକଳ୍ପ ସଂଖ୍ୟା ୧୬୫୨୪- ଜଙ୍ଗଲ ଓ ପରିବେଶ ବିଭାଗ, ଯୁଗ୍ମ ବନ ପରିଚାଳନା ପ୍ରସ୍ତାବ, ୨୦୧୧ ଅନ୍ତର୍ଗତ ପାରା ୪ର ଧାରା(୧) ଓ (୩) ତଥା ଆବେଦନର-'କ'ର ଧାରା (୬) କୁ ନିମ୍ନଲିଖିତ ମତେ ପରିବର୍ତ୍ତନ କରାଯାଉଛି।

୪(୧) କାର୍ଯ୍ୟକାରୀ କମିଟି ଗଠନ କରିବା ପାଇଁ ପଲ୍ଲୀସଭା, ସଭାପତି, ଉପସଭାପତି, କୋଷାଧ୍ୟକ୍ଷ ଓ ଅତିକମରେ ୧୧ (ଏଗାର) ଜଣ ସଭ୍ୟଙ୍କୁ ନିର୍ବାଚିତ କରିବ। ସେମାନଙ୍କ ବ୍ୟତୀତ (ସେ ଅଞ୍ଚଳରେ କାମ କରୁଥିବା) ସ୍ଥାନୀୟ ବନରକ୍ଷୀ କିମ୍ବା ବନପାଳ ସମ୍ପାଦକଭାବେ ଓ ଅନ୍ୟ ସଭ୍ୟ ଯଥା ସମ୍ପୃକ୍ତ ଅଞ୍ଚଳର ୱାର୍ଡ ମେମ୍ବର (ବୃନ୍ଦ)ମଧ୍ୟ ସାମିଲ ହେବେ। କାର୍ଯ୍ୟକାରୀ କମିଟିର ଶତକଡା ୫୦ ଭାଗ ମହିଳା ସଭ୍ୟ ରହିବା ଆବଶ୍ୟକ। ଭିଏସ୍‌ଏସ୍/ ଇଡିସିର କାର୍ଯ୍ୟକାରୀ କମିଟିରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ସଭ୍ୟ ମାନଙ୍କ ପ୍ରତିନିଧିତ୍ୱ ଅନୁପାତ ଅନୁଯାୟୀ ରହିବ। କାର୍ଯ୍ୟକାରୀ କମିଟିରେ ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିବା ଗୋଷ୍ଠୀର ମଧ୍ୟ ପ୍ରତିନିଧିତ୍ୱ ରହିବା ବାଞ୍ଛନୀୟ।

୪ (୩) କାର୍ଯ୍ୟକାରୀ କମିଟି ନିମ୍ନମତେ ଭାବରେ ଗଠନ କରାଯିବ;

| | |
|---|---|
| ୧. ସଭାପତି | ନିର୍ବାଚିତ ସଭ୍ୟ |
| ୨. ଉପସଭାପତି | ନିର୍ବାଚିତ ସଭ୍ୟ |
| ୩. ସମ୍ପାଦକ (ସ୍ଥାନୀୟ ବନରକ୍ଷୀ/ବନପାଳ) | ସଭ୍ୟ |
| ୪. କୋଷାଧ୍ୟକ୍ଷ | ନିର୍ବାଚିତ ସଭ୍ୟ |
| ୫. ସ୍ଥାନୀୟ ୱାର୍ଡ ମେମ୍ବର କିମ୍ବା ସେ ଅଞ୍ଚଳରେ ଏକାଧିକ ୱାର୍ଡ ମେମ୍ବର ଥିଲେ | ସଭ୍ୟ |
| ୬. ସଭ୍ୟବୃନ୍ଦ | ନିର୍ବାଚିତ ସଭ୍ୟ |

<u>ସଂଶ୍ଳିଷ୍ଟ-କ</u>

ଭିଏସ୍‌ଏସ୍/ଇଡିସିର ଆୟ ବ୍ୟୟ ଓ ହିସାବ କିତାବ ପଦ୍ଧତି:

(୬) ଭିଏସ୍‌ଏସ୍/ଇଡିସିର ମାସିକ ଆୟ ବ୍ୟୟର ହିସାବ ଓ କ୍ୟାସବୁକ୍‌ର ପରିଚାଳନାର ଉତ୍ତର ଦାୟିତ୍ୱ ସଂପୂର୍ଣ୍ଣ ଭାବେ ସମ୍ପାଦକଙ୍କର ରହିବ ।

**<u>ସୂଚନା</u>**

ଉପରୋକ୍ତ ସଂକଳ୍ପର ଓଡ଼ିଆ ଭାଷାନ୍ତର ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି ଦ୍ୱାରା ପ୍ରସ୍ତୁତ। ମୂଳ ସଂକଳ୍ପର ଏହା ଆକ୍ଷରିକ ଓଡିଆ ଅନୁବାଦ ନୁହେଁ । ଏହା ବନ ସୁରକ୍ଷା ସମିତି/ ପରିବେଶ ବିକାଶ ସମିତିର ସଭ୍ୟ ସଭ୍ୟା, ବନ ବିଭାଗର କ୍ଷେତ୍ର କର୍ମଚାରୀଙ୍କ କାର୍ଯକ୍ଷେତ୍ରରେ ଅନୁସରଣ ପାଇଁ ବୋଧଗମ୍ୟ ଭାଷାରେ ପ୍ରସ୍ତୁତ କରାଯାଇଛି। ସଂକଳ୍ପର ଏହି ଭାଷାନ୍ତର ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତିର ଆଭ୍ୟନ୍ତରୀଣ ବ୍ୟବହାର ପାଇଁ ଉଦ୍ଦିଷ୍ଟ।

**ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ସମିତି**

ଏସଏଫଟିଆରଆଇ ପରିସର, ଘାଟିକିଆ, ଭୁବନେଶ୍ୱର-୭୫୧୦୨୯

www.ofsds.gov.in